## ସଂକ୍ଷେପରେ

### ଧର୍ମଶାଳା ମୁନି ସମାଜ ପକ୍ଷରୁ ଯୋଗ ବୈଠକ

**ଧର୍ମଶାଳା,୨୧।୧୦(ବଟକୃଷ୍ଣ ପରିଡ଼ା):** ସର୍ବୋଶିରମଣି ମୁନିସମାଜ ଧର୍ମଶାଳା ଶାଖାର ଯୋଗ ବୈଠକ ଶାନ୍ତିବଜାରଠାରେ ଯୋଗୀ ବନମାଳୀ ମୁନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶାପ୍ରାନ୍ତ ମୁନି ସମାଜର ସମ୍ପାଦକ ଯୋଗାଚାର୍ଯ୍ୟ ଧ୍ରୁବ ଚରଣ ପ୍ରଧାନ ଅତିଥି ଭାବେ ଯୋଗଦେଇ ଡିସେମ୍ବର ୨୮ ଓ୨୯ ତାରିଖରେ ପାଳିତ ହେବାକୁ ଥିବା ପ୍ରାନ୍ତୀୟ ମହାଅଧିବେଶନ ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା । ଜିଲା ସମ୍ପାଦକ ମୁନି ରତ୍ନ ଯୋଗୀ ନାରାୟଣ ବିଶ୍ୱାଳ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ଏଥିରେ ଯୋଗୀ ମୁନିରାଜ, ରମେଶ ବେହେରା, ପୁରୁଷୋତ୍ତମ ମହାନ୍ତି, ଭିକାରୀ ମଲିକ, ସଚ୍ଚିଦାନନ୍ଦ ମୁନି, କଳ୍ପତରୁ ମୁନି, ମାଧବାନନ୍ଦ ମଲିକ, ଯୋଗ ଶିକ୍ଷୟିତ୍ରୀ ସତ୍ୟଭାମା ଦାସ, ଯୋଗୀ ଜଗନ୍ନାଥ ନାୟକ, ଜଟାଧାରୀ ବେହେରା, ସୁଦର୍ଶନ ମୁନି, ହୃଦାନନ୍ଦ ମୁନି ପ୍ରମୁଖ ଉପସ୍ଥିତ ରହି ନିଜର ମତ ରଖିଥିଲେ ।

### ଓଏଏସ୍ ପାଇଥିବା ଅରମାନଙ୍କୁ ସମ୍ବର୍ଦ୍ଧନା

**ବରୀ,୨୧।୧୦(ମହେନ୍ଦ୍ର ସ୍ୱାଇଁ)**

ବରୀ ବ୍ଲକ ଅଧୀନ ବରୀ ପଞ୍ଚାୟତର ଉତ୍ତର ବରୀ ଗ୍ରାମର ଅରମାନ ଦେବ ପୁହାଣ ଚଳିତ ଓଏଏସ୍ ପରୀକ୍ଷାରେ ୩୬୫ନଂ.ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଖବର ଜଣାପଡିବା ପରେ ବରୀରେ ଖୁସିର ଲହରୀ ଖେଳି ଯାଇଥିଲା । ଏହି ଅବସରରେ ବରୀ ଭାଜପା ନେତା ଉମେଶ ଚନ୍ଦ୍ର ଜେନା ତାଙ୍କ ବାସ ଭବନରେ ପହଞ୍ଚି ଅରମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରମ୍ଭା ପଞ୍ଚାୟତର ସରପଞ୍ଚ ମାନସ ଜେନା, ଆର୍ତ୍ତବନ୍ଧୁ ସାମଲ, ଅଜିତ ଜେନା, ସରୋଜ ପଣ୍ଡା, ରଘୁନାଥ ବେହେରା,ସମୀର ରାଉତ, ଚନ୍ଦ୍ରକାନ୍ତ ନାୟକ, ଇନ୍ଦ୍ରଜିତ ପୁହାଣ, ନୃସିଂହ ବେହେରାଙ୍କ ସମେତ ବରୀ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କୁ ଭେଟିଲା ବିରଜାକ୍ଷେତ୍ର ଉନ୍ନୟନ ପରିଷଦ

## ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

**ଯାଜପୁର ଟାଉନ,୨୧।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ମନ୍ଦିର ପରିସର ଓ ମାହାର ଉନ୍ନୟନ କାର୍ଯ୍ୟ ସହିତ ବିରଜାକ୍ଷେତ୍ରର ସର୍ବାଙ୍ଗିନ ଉନ୍ନତି ପାଇଁ ନବ ଗଠିତ 'ବିରଜାକ୍ଷେତ୍ର ଉନ୍ନୟନ ପରିଷଦ' ପକ୍ଷରୁ ସୋମବାର ସନ୍ଧ୍ୟାରେ ଜିଲାପାଳ ପି ଅନ୍ୱେଷା ରେଡ୍ଡିଙ୍କୁ ୩ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ଉପ-ନଗରପାଳ ସନ୍ତୋଷ କୁମାର ମଲିକ, ଭବପ୍ରସାଦ ଦାସ, ରାଷ୍ଟ୍ରୀୟ ବଜରଙ୍ଗଦଳ ସଭାପତି ଅରବିନ୍ଦ ଦାସ, ବଳଭଦ୍ର ଦାସ, ସନ୍ତୋଷ କୁମାର ନନ୍ଦ, ପ୍ରତିମା କର, ସନ୍ତୋଷ ବେହେରା, ପଣ୍ଡିତ ଭୂପତିଭୂଷଣ ମିଶ୍ର, ଦେବୀପ୍ରସାଦ ପାଣି,



ସୋମବାର ଉନ୍ନୟନ ପରିଷଦ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ସୁଧାଂଶୁଭୂଷଣ ଆଚାର୍ଯ୍ୟ, ଦେବଦତ୍ତ ଦାସ, ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ଦେଓ, ଅରୁଣ ରାଉତରାୟ, ସନ୍ଦିପ୍ତ ରାୟ, ସୁବାସ ପାଣି, ହରେକୃଷ୍ଣ ସାହୁ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ଶୁବାଶିଷ ରାଉତ, ଅଜୟ ରାଉତରାୟ, ଭରତ ଚନ୍ଦ୍ର ବେହେରା, ଦେବତୋଷ ମହାନ୍ତି, ନଟବର ଦାସ, ମହେନ୍ଦ୍ର ବାରିକ, ବାଦଲ ନାୟକ, ଗୌତମ ପ୍ରସାଦ ସାହୁ, ଶ୍ରୀକାନ୍ତ ଜେନା, ପବିତ୍ର ମହାନ୍ତି, ଅଜୟ ନନ୍ଦ କବି, ବିଜୟ ରଣା, ସୁରେନ୍ଦ୍ର ରଣା, ରାଜେନ୍ଦ୍ର କୁମାର ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନଙ୍କ ସମେତ ବହୁ କର୍ମକର୍ତ୍ତା ଜିଲାପାଳଙ୍କୁ ଭେଟି ଯାଜପୁରର ଐତିହ୍ୟ, ସଂସ୍କୃତିର ସୁରକ୍ଷା ସହିତ, ଯାଜପୁରକୁ ଏକ ଅଗ୍ରଣୀ ଆଧାତ୍ମିକ ଓ ପର୍ଯ୍ୟଟନ କ୍ଷେତ୍ରଭାବେ ଗଢ଼ିତୋଳିବାକୁ ଦାବି କରିଥିଲେ । ପୂର୍ବରୁ ବରାଦ ହୋଇଥିବା ବହୁ କୋଟି ଟଙ୍କାର ସଦୁପଯୋଗ କରି ଅଧାପନ୍ତରିଆଭାବେ ପଡ଼ିରହିଥିବା ପ୍ରକଳ୍ପ ଗୁଡ଼ିକର ନିର୍ମାଣ ସାରିବା, ବିରଜା ପ୍ରକଳ୍ପ ନିର୍ମାଣ ପାଇଁ ସ୍ଥାନାନ୍ତର ହୋଇଥିବା ବିରଜା ହାଟକୁ ବିରଜା ମନ୍ଦିରଠାରୁ ଯାଉଁଳିବନ୍ଧ ସଂଲଗ୍ନ ରାସ୍ତାପାର୍ଶ୍ୱର ଏକ ସ୍ଥାନରେ ପୁନଃସ୍ଥାପନ କରିବା। ମା'ବିରଜାଙ୍କ ଐତିହ୍ୟ ସହିତ ଜଡ଼ିତ ବ୍ରହ୍ମକୁଣ୍ଡ ପୋଖରୀ ସଂଲଗ୍ନ ଅଞ୍ଚଳରେ ମା'ବିରଜାଙ୍କ ପ୍ରତିକୃତିକୁ ସ୍ଥାପନା କରିବା ସମେତ ଯାଜପୁର ସହରର ଉନ୍ନତି ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଜିଲାପାଳ ଏହି ସବୁ ଦାବିଗୁଡ଼ିକୁ ଖୁବଶୀଘ୍ର କାର୍ଯ୍ୟକାରୀ କରାଯିବା ନିମନ୍ତେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତ ଦେଇଥିବା ଜଣାଯାଇଛି।

### ୨୧୩ ର୍ୟାଙ୍କରେ ବର୍ଷା ପରିଡ଼ା



**ଯାଜପୁର ଟାଉନ ୨୧।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :** ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଯାଜପୁର ବ୍ଲକ୍ ବାସୁଦେବପୁର ପଞ୍ଚାୟତ ଜାଲପୁର ଗ୍ରାମର ଶଶୀକାନ୍ତ ପରିଡ଼ା ଓ ପୁଷ୍ପଲତା ନାୟକଙ୍କ ଝିଅ ବର୍ଷା ପରିଡ଼ା କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ସାରା ଓଡ଼ିଶାରେ ୨୧୩ତମ ସ୍ଥାନ ହାସଲ କରିଛନ୍ତି। ଦିଲ୍ଲୀ ୟୁନିଭରସିଟିରୁ ରାଜନୀତି ବିଜ୍ଞାନରେ ଏମ୍ଏ ପାସ୍ କରିବା ପରେ ୨୦୨୨ରେ ସେ ସେଠାରେ ରହି ୟୁପିଏସ୍ ପାଇଁ ପ୍ରସ୍ତୁତି ଚଳାଇଥିଲେ। ପ୍ରଥମ ପ୍ରୟାସରେ ସେ ଏହି କୃତିତ୍ୱ ଅର୍ଜନ କରିଥିବାରୁ ବିଶେଷ ଖୁସି ଥିବା କହିଛନ୍ତି। ପ୍ରତିଦିନ ୮ରୁ ୧୦ଘଣ୍ଟା ପରିଶ୍ରମ କରି ସେ ଏହି ସଫଳତା ପାଇଛନ୍ତି । ତାଙ୍କର ଏହି ସଫଳତା ପଛରେ ବାପା,ମାଆ, ପରିବାରବର୍ଗ, ସମସ୍ତ ଗୁରୁ ଓ ସାନଭାଇଙ୍କ ଶ୍ରେୟ ଅଛି ବୋଲି ସେ କହିଛନ୍ତି ।







ବାଲିଚନ୍ଦ୍ରପୁର ବ୍ୟାଙ୍କରୋଡ୍, ମା' ମାଲ୍ୟାବୁଢ଼ି ମାର୍କେଟ, ମୁଖ୍ୟ ଲକ୍ଷ୍ମୀବଜାରରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ ମୃଣ୍ମୟୀ ମୂର୍ତ୍ତି ।

## ୬୩ ଅଭିଯୋଗର ତତ୍କାଳ ସମାଧାନ



ରସୁଲପୁର ବ୍ଲକରେ ମିଳିତ ଜନଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ ।

**ରସୁଲପୁର, ୨୧।୧୦ (ରଞ୍ଜିତ ରାଉତ):**

ରସୁଲପୁର ବ୍ଲକରେ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲାପାଳ ପି.ଅନନ୍ୱଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ସର୍ବମୋଟ ୧୫୫ଅଭିଯୋଗ ହୋଇଥିବା ବେଳେ ସେଥିମଧ୍ୟରୁ ୬୩ ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଏଥିରେ ଆରକ୍ଷୀ ଅଧୀକ୍ଷକ ୟସ ପ୍ରତାପ ଶ୍ରୀମଲ, ଏଡିଏମ ଶୁଭେନ୍ଦ୍ର କୁମାର ସାମଲ, ଉପଜିଲାପାଳ ଅଂଶୁମାନ ଶତପଥୀ, ନକ୍ରିଷ୍ଣ ଜେନା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ଯୋଗଦେଇ ଅଭିଯୋଗ ଗୁଡିକର ସମାଧାନ କରିଥିଲେ। ବ୍ଲକର ଭାରପ୍ରାପ୍ତ ଅଧିକାରୀ ତଥା ତହସିଲଦାର ନିରଞ୍ଜନ ସାହୁ ,ଅତିରିକ୍ତ ବିଡ଼ିଓ ଦିବ୍ୟକାନ୍ତି ମିଶ୍ର ଶିବିରକୁ ପରିଚାଳନା କରିଥିଲେ। ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଗଜଲକ୍ଷ୍ମୀ ପୂଜା ପାଇଁ ବାଲିଚନ୍ଦ୍ରପୁର ଉତ୍ସବମୁଖର

**ବାଲିଚନ୍ଦ୍ରପୁର/ଚଣ୍ଡିଖୋଲ,୨୧।୧୦ (ଗିରିଜା ପ୍ରସାଦ ସାହୁ/ପ୍ରଦୀପ୍ତ କୁମାର ପୃଷ୍ଟି)**

ପବିତ୍ର କୁମାର ପୂର୍ଣ୍ଣମୀଠାରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ବାଲିଚନ୍ଦ୍ରପୁର ବଜାର ଏବଂ ତାର ଆଖପାଖ ଅଞ୍ଚଳରେ ପୂଜା ମଣ୍ଡପରେ ୩୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି ମା'ଲକ୍ଷ୍ମୀ। ବାଲିଚନ୍ଦ୍ରପୁର ବଜାର ଆଲୋକମାଳାରେ ଝଲସୁଛି। କେନାଲ ବନ୍ଧ ପାର୍ଶ୍ୱ ଶିଶୁ ମନ୍ଦିର ରାସ୍ତାରେ ପଡ଼ିଛି ମୀନାବଜାର। ମୀନାବଜାରରେ ଖେଳନା, ଦୋଳି, ହରେକମାଲ ଦୋକାନ ସାଙ୍ଗକୁ ବିଭିନ୍ନ ଚଟ୍‌ପଟି ଖାଦ୍ୟ ଲୋକମାନଙ୍କୁ ଆକର୍ଷିତ କରିଛି । ସେଥିପାଇଁ ସେଠାରେ ଭିଡ଼ ଜମୁଛି। ବିଭିନ୍ନ ଅଞ୍ଚଳରୁ ଆସୁଥିବା ଲୋକମାନେ ପୂଜା ମଣ୍ଡପ ବୁଲିବା ପରେ ମୀନାବଜାରରେ କୁନି କୁନି ପିଲାମାନଙ୍କୁ ନେଇ ବୁଲିବା ସହ ମଜା ଉଠାଉଛନ୍ତି।

ରବିବାର ଲକ୍ଷାଧିକ ଯାତ୍ରୀଙ୍କ ସମାଗମ ହୋଇଥିଲା। ବାଲିଚନ୍ଦ୍ରପୁର ପୋଲିସ ପ୍ରଶାସନ ଭିଡ଼କୁ ନିୟନ୍ତ୍ରଣ କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଥିଲା । ଏହି ଅବସରରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ବାଲିଚନ୍ଦ୍ରପୁର ବଜାରରେ ରବିବାର ପହଞ୍ଚି ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରି ମା'ଙ୍କ ଆଶିଷ ଭିକ୍ଷା କରିଥିଲେ। ବିଧାୟକ ନାୟକଙ୍କୁ ବିଭିନ୍ନ ପୂଜାମଣ୍ଡପ କର୍ମକର୍ତ୍ତା ସ୍ୱାଗତ କରିଥିଲେ । ପ୍ରଥମେ ଟ୍ୟାକ୍ସି ଷ୍ଟାଣ୍ଡ ଛକ, ବ୍ୟାଙ୍କ ଛକ, ଲକ୍ଷ୍ମୀ ଛକ, ପାଲା ମଣ୍ଡପ ଛକ, କଲେଜ ଛକ, ପତରାଜପୁର ଛକ ଓ ପରେ ଶ୍ୟାମସୁନ୍ଦର ବଜାର ଛକରେ ବିଧାୟକ ପହଞ୍ଚି ଥିଲେ। ଶ୍ୟାମସୁନ୍ଦର ବଜାର ଲକ୍ଷ୍ମୀଙ୍କ ନିକଟରେ ପୂଜକ ଭରତ ଚନ୍ଦ୍ର ପଣ୍ଡା ପୂଜାର୍ଚ୍ଚନା କରି ବିଧାୟକ ନାୟକଙ୍କୁ ଆଶୀର୍ବାଦ ପୂର୍ବକ ମା'ଙ୍କ ଅଙ୍ଗଲାଗି ପ୍ରଦାନ କରିଥିଲେ। ବଜାର କମିଟିର ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟି, ସମ୍ପାଦକ ପ୍ରବାସ କୁମାର ଦାଶ ଓ ହାଡ଼ିବନ୍ଧୁ ସାହୁଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ରହି ବିଧାୟକଙ୍କୁ ସ୍ୱାଗତ କରିଥିଲେ। ବିଧାୟକଙ୍କ ସହ ବାଲିଚନ୍ଦ୍ରପୁର ସରପଞ୍ଚ ପ୍ରତିନିଧି ଅମୀୟ କୁମାର ସାହାଣୀ, ଦୀପକ କୁମାର ବଳ, ପ୍ରକାଶ କୁମାର ସାହୁ, ବୁଟୁ ସିଂହ, ଶୁଭେନ୍ଦୁ କୁମାର ବଳ, ସାମାଜିକ କର୍ମୀ ଗଦାଧର ଦାସ ସମେତ ଅନେକ କାର୍ଯ୍ୟାକର୍ତ୍ତା ବିଧାୟକଙ୍କ ସହ ଉପସ୍ଥିତ ଥିଲେ।

## ଲିଜ୍ କଳାପଥର ଖାଦାନରେ ପିଲର ପୋତିବାକୁ ନିର୍ଦ୍ଦେଶ

**ଯାଜପୁର,୨୧।୧୦(ହର୍ଷବର୍ଦ୍ଧନ ବେହେରା) :**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ଥିବା କଳାପଥର ଖାଦାନଗୁଡିକ ବିନା ସୀମା ନିର୍ଦ୍ଧାରଣରେ ପରିଚାଳିତ ହେଉଛି। ଏହା ମାଇନିଂ ପ୍ଲାନ, ପରିବେଶ ଅନୁମତି ଏବଂ ଓଏମ୍ଏମ୍ସି ରୁଲ୍ସ-୨୦୧୬ ଆଇନର ଉଲ୍ଲଂଘନ କରାଯାଉଛି। ତେଣୁ ୭ ଦିନ ମଧ୍ୟରେ ସମସ୍ତ ଲିଜ୍‌ଧାରୀଙ୍କୁ ସୋମବାର ନିଜର ଲିଜ୍ ଅଞ୍ଚଳର ସୀମା ନିର୍ଦ୍ଧାରଣ କରି ପିଲର ପୋତିବାକୁ ଯାଜପୁର ଲଘୁ ଖଣି ନିର୍ଦ୍ଦେଶକ କାର୍ଯ୍ୟାଳୟରୁ ମାଇନିଂ ଅଫିସର ନିର୍ଦ୍ଦେଶ ଦେଇଛନ୍ତି। ଓଆରଏସ୍ଏସି ଦ୍ୱାରା ତାଲିକାଭୁକ୍ତ ଏକ ସର୍ଭେ ଏଜେନ୍ସି ଦ୍ୱାରା ସୀମା ନିର୍ଦ୍ଧାରଣ ଓ ପିଲର ପୋତିବା, ସର୍ଭେ ମ୍ୟାପ ଓ ମାଇନିଂ ପ୍ଲାନ ଅନୁସାରେ ପିଲରରେ ସ୍ୱଚ୍ଛ ଭାବେ ଆଇଡି ଦର୍ଶାଇବା, ସୀମା ନିର୍ଦ୍ଧାରଣ ପରେ ଲିଜ୍‌ଧାରୀ ଓ ସର୍ଭେ ଏଜେନ୍ସି ବ୍ୟକ୍ତିଙ୍କ ସହିତ ଜିଓ-ଟ୍ୟାଗ ଫଟୋ ଉଠାଇ ଖଣି ବିଭାଗ କାର୍ଯ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ୧୯ ଜଣ ଲିଜ୍‌ଧାରୀଙ୍କ ନାମରେ ଅନୁମତିଠାରୁ ବହୁ ଗୁଣ ଅଧିକ କଳାପଥର ଉତ୍ତୋଳନ କରିଥିବା ପ୍ରମାଣିତ ହେବା ପରେ ୩୧୩ କୋଟି ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଛି। ଏହିକ୍ରମରେ ଲିଜ୍‌ଧାରୀମାନେ ନିଜ ଅନୁମତି ଅଞ୍ଚଳ ବାହାରେ ଥିବା ଖାଦାନଗୁଡିକରୁ ପଥର ଉତ୍ତୋଳନ କରି ମାଲାମାଲ ହେଉଥିବା ଅଭିଯୋଗ ହୋଇଛି। ତେଣୁ ଲିଜ୍ ଅଞ୍ଚଳ ବାହାରେ କଳାପଥର ବେଆଇନ ଉତ୍ତୋଳନକୁ ନିୟନ୍ତ୍ରଣ କରିବାକୁ ପିଲର ପୋତିବା ଲକ୍ଷ୍ୟ ରଖାଯାଇଛି।

## ସମ୍ଭାବ୍ୟ ବାତ୍ୟା 'ଦାନା'କୁ ନେଇ ବ୍ଲକ ପ୍ରଶାସନ ତତ୍ପର

**ବରୀ,୨୧।୧୦(ମହେନ୍ଦ୍ର ସ୍ୱାଇଁ)**




ସାମ୍ଭବ୍ୟ ବାତ୍ୟା 'ଦାନା'କୁ ନେଇ ଯାଜପୁର ଜିଲା ବରୀ ବ୍ଲକ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି। ବରୀ ବ୍ଲକ ଅଧୀନ ୭ ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ଅମଠପୁର,ଶେରପୁର, ଗମୁଁ, ଭଅଁରା, ମଧୁସୂଦନପୁର ପଞ୍ଚାୟତରେ ଗୋଟିଏ ଲେଖାଏଁ ବାତ୍ୟା ଆଶ୍ରୟସ୍ଥଳୀ ଥିବା ବେଳେ ଉଦୟନାଥପୁର ପଞ୍ଚାୟତରେ ୨ଟି ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ସମ୍ଭାବ୍ୟ ବାତ୍ୟା ଯାଜପୁର ଜିଲା ଉପରେ ପ୍ରଭାବ ପକାଇବାର ଆଶଙ୍କା ଥିବାରୁ ବରୀ ବ୍ଲକ ପ୍ରଶାସନ ତରଫରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ପଞ୍ଚାୟତ ଦାୟିତ୍ୱରେ ଥିବା ଅଧିକାରୀମାନେ ଯୋଗଦେଇଥିଲେ। ବାତ୍ୟାର ମୁକାବିଲା ପାଇଁ ସମସ୍ତେ ସଜାଗ ରହି ନିଜ କାମ ଠିକ୍ ଭାବେ ସମ୍ପାଦନ କରିବାକୁ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ପଞ୍ଚାନନ ମଲ୍ଲିକ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ବାତ୍ୟାରେ ଅଧିକ ପ୍ରଭାବିତ ହେବାକୁ ଥିବା ବିଭିନ୍ନ ରାଜସ୍ୱ ଗ୍ରାମଗୁଡ଼ିକୁ ଚିହ୍ନଟ କରିବା ସହିତ ସେହି ଗ୍ରାମର ଲୋକମାନେ ଯେମିତି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଡିଓ କହିଥିଲେ । ବାତ୍ୟାରେ ଯେଭଳି କୌଣସି ମୃତାହତ ନ ଘଟେ ସେ କ୍ଷେତ୍ରରେ ପ୍ରଶାସନ ତରଫରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି ବୈଠକରେ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ସମେତ ଅତିରିକ୍ତ ବିଡ଼ିଓ ମହେଶ୍ୱର ସେଠୀ, ଜିପିଓ ଲାକ୍ଷ୍ମୀକାନ୍ତ ମହାରଣା, ସହକାରୀ ଯନ୍ତ୍ରୀ ସନ୍ଦୀପ ଦାସ,ମୁଖ୍ୟ କିରାଣୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକକାରୀମାନେ ଉପସ୍ଥିତ ଥିଲେ।

## ଜେଏସ୍‌ଏଲ୍ ସହଯୋଗରେ ମହିଳାଙ୍କ ଦ୍ୱାରା ମସଲା ପ୍ରସ୍ତୁତି

### ଯଖପୁରାରେ ବିକ୍ରୟ କେନ୍ଦ୍ର ପ୍ରତିଷ୍ଠା

**କଳିଙ୍ଗନଗର,୨୧।୧୦ (ଶୁଭାଶିଷ ରାଉତ)**

କଳିଙ୍ଗନଗର ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍ (ଜେଏସ୍ଏଲ୍) ପକ୍ଷରୁ ଗ୍ରାମ୍ୟ ମହିଳାମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯାଇ ସଂଜୀବନୀ ନାମରେ ଏକ ଶୁଦ୍ଧ ମସଲା ପ୍ରସ୍ତୁତି ପ୍ରତିଷ୍ଠାନ ଏବଂ ବିକ୍ରୟ କେନ୍ଦ୍ର ଦାନଗଦି ବ୍ଲକ ଅଧୀନ ଯଖପୁରାରେ ପ୍ରତିଷ୍ଠା ହୋଇଛି। କମ୍ପାନୀ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଯଖପୁରା ଏବଂ ଏହାର ନିକଟସ୍ଥ ଗ୍ରାମର ମହିଳାମାନେ ଏକତ୍ର ହୋଇ ଜିନ୍ଦଲ କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ବିଭାଗର ତତ୍ତ୍ୱାବଧାନରେ ଏହି ମସଲା ଉଦ୍ୟୋଗର ସମସ୍ତ କାର୍ଯ୍ୟ ନିଜେ ସମ୍ପାଦନ କରିବା ସହିତ ନିଜର ଜୀବିକା ନିର୍ବାହ କରିପାରୁଛନ୍ତି। କନ୍ଧମାଳ ଜିଲାର ଦାରିଙ୍ଗିବାଡ଼ି ଅଞ୍ଚଳର ଚାଷୀମାନଙ୍କ ନିକଟରୁ ଖଣ୍ଡ ହଳଦୀ ସଂଗ୍ରହ କରାଯାଇ ସେଗୁଡିକୁ ଉପଯୁକ୍ତ ପ୍ରକ୍ରିୟାକରଣ ମାଧ୍ୟମରେ ପରିଷ୍କାର କରାଯାଇ ଚକି



ମହିଳାମାନେ ପ୍ରସ୍ତୁତ କରିଥିବା ମସଲାକୁ ପ୍ରଦର୍ଶନ କରୁଛନ୍ତି ।

ସାହାଯ୍ୟରେ ଗୁଣ୍ଡ କରାଯାଉଛି। ଏଥିରେ ସ୍ୱଚ୍ଛତା ଅବଲମ୍ବନ କରି ପ୍ୟାକେଜିଂ କରାଯାଇ ବଜାରରେ ବିକ୍ରି କରାଯାଉଛି। ସେହିପର ସମ୍ବଲପୁର ଜିଲାର କୁଚିଣ୍ଡା ଅଞ୍ଚଳରୁ ଲଙ୍କା ସଂଗ୍ରହ କରାଯାଇଛି। ସଞ୍ଜୀବନୀର ଏହି ମସଲା ସରକାରଙ୍କ ଦ୍ୱାରା ପଞ୍ଜୀକୃତ ପରୀକ୍ଷାଗାରରୁ ପରୀକ୍ଷଣ କରାଯାଇ ପ୍ରମାଣପତ୍ର ହାସଲ କରାଯାଇଛି। ସଂଜୀବନୀ ମସଲା ଉଦ୍ୟୋଗର ମହିଳାମାନେ ଖୁବ୍‌ଶୀଘ୍ର ସଂଜୀବନୀ ଜୀରା ଏବଂ ସଂଜୀବନୀ ଧନିଆ ଗୁଣ୍ଡ ବଜାରକୁ ଛାଡିବାର ଲକ୍ଷ୍ୟ ରଖିଛନ୍ତି। ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କର ନିଷ୍ଠାପର ଉଦ୍ୟମ ଏବଂ ଜିନ୍ଦଲ କମ୍ପାନୀ କର୍ତ୍ତୃପକ୍ଷଙ୍କ ସମୟୋପଯୋଗୀ ସହଯୋଗ ସଂଜୀବନୀ ମସଲା ଉଦ୍ୟୋଗକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିପାରିଛି ବୋଲି କମ୍ପାନୀର ବିଭାଗୀୟ ମୁଖ୍ୟ ସୁକାନ୍ତ କୁମାର ରଥ ମତବ୍ୟକ୍ତ କରିଛନ୍ତି।

## ବନ୍ଧୁକ ଦେଖାଇ ଦାଦାବଟି ଆଦାୟ, ୨ କୋର୍ଟ ଚାଲାଣ

**ପାଣିକୋଇଲି, ୨୧।୧୦ (ବିକାଶ କୁମାର ମଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥରେ ଯାଉଥିବା ଗାଡ଼ି ଚାଳକମାନଙ୍କୁ ବନ୍ଧୁକ ଦେଖାଇ ଦାଦାବଟି ଆଦାୟ କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ପାଣିକୋଇଲି ଥାନାର ସବ୍‌ଇନ୍ସପେକ୍ଟର ପ୍ରକାଶ କୁମାର ପ୍ରଧାନ, ହାବିଲଦାର ସୁଲୋଚନ ବେହେରା, କନ୍‌ଷ୍ଟେବଲ ଗୋଲକ ବିହାରୀ ସେଠୀ ଓ କେଦାରସନ ଡ଼ାଙ୍ଗିଲଙ୍କ ସହିତ ପୂର୍ବାହ୍ନ ୧୧ଟାରେ ଷଠିପୁର ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଜାତୀୟ ରାଜପଥରେ୨ ଯୁବକ ଗାଡ଼ିଗୁଡ଼ିକୁ ବନ୍ଧୁକ ଦେଖାଇ ଅଟକାଇ ଦାଦାବଟି ଆଦାୟ କରୁଥିବା ଖବର ପାଇ ସେମାନଙ୍କ ପିଛା କରିଥିଲେ। ପୋଲିସକୁ ଦେଖି ଉଭୟ ଏକ ଲାଲ ରଙ୍ଗର ମଟର ସାଇକେଲ(ନଂ.ଓଡ଼ି୩୪ ଏ୬୬୦୧)ରେ ଫେରାର ହୋଇଯିବାକୁ ଉଦ୍ୟମ କରିଥିଲେ । ହେଲେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରଲର ପଛରେ ପିଟି ହୋଇ ଡ଼ିଭାଇଡ଼ରରେ ମାଡ଼ ହୋଇଥିଲା । ଫଳରେ ଉଭୟ ଆହତ ହୋଇଥିଲେ। ପୋଲିସ ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରାଇବା ପରେ ଥାନାକୁ ଆଣି ପଚରାଉଚୁରା କରିଥିଲା । ସେମାନେ ନିଜ ଦୋଷ ସ୍ୱୀକାର କରିଥିଲେ। ୨ଜଣଙ୍କ ମଧ୍ୟରୁ ଜଣେ କୁଆଖିଆ ଥାନା ଡିଅକୁରାଂଶ ଗ୍ରାମର ଦୀପକ ରାଉତ (୨୧) ଓ ଅନ୍ୟ ଜଣେ ନାବାଳକ ଅଛନ୍ତି । ସେମାନଙ୍କଠାରୁ ଏକ ବନ୍ଧୁକ, ନଗଦ ୩୫୦୦ ଟଙ୍କା ଓ ବାଇକ୍ ଜବତ କରାଯାଇଛି । ଏ ନେଇ ଏକ ମାମଲା (ନଂ.୪୧୪/୨୪) ରୁଜୁ କରାଯାଇଛି। ନାବାଳକଙ୍କୁ ଜୁଭେନାଇଲ କୋର୍ଟକୁ ବିଚାର ଲାଗି ପଠାଯାଇଥିବା ବେଳେ ଦୀପକକୁ ଯାଜପୁର ରୋଡ଼ କୋର୍ଟକୁ ପଠାଯାଇଛି ବୋଲି ତଦନ୍ତକରୀ ଅଧିକାରୀ ସବ୍‌ଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ କହିଛନ୍ତି।

**ଶିରିଡ଼ି ସାଇ ମନ୍ଦିରରେ ଅଗ୍ନିକାଣ୍ଡ**

ଡେରାବିଶ, (ବେବର୍ତ୍ତା ଅଜୟ ଦାସ): ଡେରାବିଶ ଥାନା ଅନ୍ତର୍ଗତ ଛତିଶାସ୍ଥିତ ଶ୍ରୀଶିରିଡ଼ି ସାଇ ମନ୍ଦିରରେ ସୋମବାର ସକାଳୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଶ୍ରୀସାଇଙ୍କ ମୂଲ୍ୟବାନ୍ ଅଳଙ୍କାର, ବହୁମୂଲ୍ୟ ସାମଗ୍ରୀ ପାଉଁଶ ହୋଇଯାଇଛି। ଖବରପାଇ ଡେରାବିଶ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ସକାଳେ ମନ୍ଦିର ବନ୍ଦ ଥିବାବେଳେ ଭିତରୁ ଧୂଆଁ ବାହାରୁଥିଲା। ଏହା ଦେଖି ଗ୍ରାମବାସୀ ସେଠାରେ ରୁଣ୍ଡହୋଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ଏହା ସମ୍ଭବ ହୋଇପାରି ନ ଥିଲା। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଘଟିଥିବା ଅନୁମାନ କରାଯାଉଛି।

# ବାତ୍ୟା: କଜଳପାତିଆ ଗାଁର ଉଦ୍ଧାରକାରୀ ଟିମ୍ ସଜାଗ

- ବାତ୍ୟାକୁ ସାମ୍ନା କରିବ ଲୁଣା, ଝାଉଁ, ହେନ୍ତାଳବଣ
- ଜିରୋ କାଜୁଆଲ୍‌ଟି ଉପରେ ବିଧାୟକଙ୍କ ଗୁରୁତ୍ୱ

ମହାକାଳପଡ଼ା, ୨୧।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ମହାକାଳପଡ଼ା ବ୍ଲକ୍ ବଡିଘର ପଞ୍ଚାୟତ କଜଳପାତିଆ ଗାଁର ସ୍ୱତନ୍ତ୍ର ତାଲିମପ୍ରାପ୍ତ ଉଦ୍ଧାରକାରୀ ଦଳ ବିପର୍ଯ୍ୟୟ ମୁକାବିଲା କରିବା ପାଇଁ ପ୍ରସ୍ତୁତ।

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସମ୍ଭାବ୍ୟ ବାତ୍ୟା 'ଦାନା' ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୨୫ ବର୍ଷ ପୂର୍ବେ ୧୯୯୯ ଅକ୍ଟୋବର ୨୯ରେ ମହାବାତ୍ୟା କରାଳ ବିଭୀଷିକା ତାଣ୍ଡବକୁ ଏବେ ବି ଲୋକମାନେ ଭୁଲିନାହାନ୍ତି। ୧୯୯୯ ମହାବାତ୍ୟାକୁ ମୁକାବିଲା କରିବା ଯୋଗୁ ଆମ୍ଭେ ବହୁ ବଡ଼ ଶିକ୍ଷା ପାଇଛୁ। ବାତ୍ୟାକୁ କିପରି ମୁକାବିଲା କରିବାକୁ ହେବ ରାଜ୍ୟ ସରକାରଙ୍କ ପକ୍ଷରୁ ସମୁଦ୍ର କୂଳିଆ ବିଭିନ୍ନ ଗ୍ରାମର ଯୁବଗୋଷ୍ଠୀଙ୍କୁ ତାଲିମ ପାଇବା ଓ ଦକ୍ଷତାର ସହ ଯୁଦ୍ଧକାଳୀନ ଭିତ୍ତିରେ ରେସ୍କ୍ୟୁ ଅପରେଶନ କରିପାରିବ କହିଛନ୍ତି କଜଳପାତିଆ ଗାଁର ୪୦ ଜଣିଆ ଉଦ୍ଧାରକାରୀ ଦଳ ସମ୍ପାଦକ ଦେବବ୍ରତ ହାଉଲି। ଏହି ଯୁବ ପ୍ରତିଭା ଦିବ୍ୟାଙ୍ଗ ହୋଇ ଗାଁରେ ଗଠନ କରିଛନ୍ତି ଏକ ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ। ୨୫ ଜଣ ଯୁବତୀଯୁବକ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ପକ୍ଷରୁ ତାଲିମ ନେଇଛନ୍ତି। ବାତ୍ୟା ପୂର୍ବ ଓ ପରେ କିପରି ଲୋକଙ୍କୁ ସଚେତନ କରିବା, ନିରାପଦ ସ୍ଥାନକୁ ଉଦ୍ଧାର କରାଯିବ ବୋଲି ଉଦ୍ଧାରକାରୀ ଦଳ ସମ୍ପାଦକ ହାଉଲି କହିଛନ୍ତି। ସେହିପରି ବାତ୍ୟା ଆଶଙ୍କା ପୂର୍ବରୁ ଶୁଖିଲା ଖାଦ୍ୟ, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ପାଇଁ ଔଷଧ ମହଜୁତ ରଖାଯାଇପାରିବ। କାରଣ ନଦୀ ନାଳ ଘେରା ବଡିଘର ପଞ୍ଚାୟତ ଶେଷ ସୀମାରେ କଜଳପାତିଆ ଗ୍ରାମ। ସେହିପରି ଅଞ୍ଚଳର କେତେଜଣ ମୁରବି, ବୁଦ୍ଧିଜୀବୀ, ସାମାଜିକ କର୍ମୀ ମହିଳା ଗୋଷ୍ଠୀ ସଦସ୍ୟଙ୍କ କହିବା କଥା ସମ୍ଭାବ୍ୟ ବାତ୍ୟା ଆଶଙ୍କା ଥିବାରୁ ଆମର ଭୟ ନାହିଁ। କାରଣ ପୂର୍ବ ଅପେକ୍ଷା ପ୍ରତି ଗାଁରେ ଭିତ୍ତିଭୂମି ବିକାଶ ହୋଇଛି। ବାତ୍ୟା ଆଶ୍ରୟସ୍ଥଳ, ବିଦ୍ୟାଳୟ ଓ ଅନ୍ୟ ପକ୍କାଘର ନିର୍ମାଣ ହୋଇଛି। ପାଣିପାଗ ବିଭାଗ ସୂଚନା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ପରେ ସମୁଦ୍ର କୂଳିଆ ଅଞ୍ଚଳର ଲୋକେ ବହୁ ସଚେତନ ହେଲେଣି। ହେଲେ ବାତ୍ୟା ପାଇଁ ଚିନ୍ତା ନାହିଁ। ବ୍ଲକର ବଡିଘର, ଜମ୍ବୁ, ସୁନିତି, ରାମନଗର, ଖରିନାସୀ, ନାଞ୍ଚୁରା, ବଉଳକଣି ଆଦି ସମୁଦ୍ର କୂଳିଆ ଓ ଅନ୍ୟ ପଞ୍ଚାୟତର ବାସିନ୍ଦାମାନଙ୍କ କହିବା କଥା, ୧୯୯୯ ମହାବାତ୍ୟାରେ ସୃଷ୍ଟି ହୋଇଥିବା ୩୦୦ କି.ମି.ରୁ ଅଧିକ ପବନକୁ ମୁକାବିଲା କରିଛୁ। ଏବେ ୧୨୦ କି.ମି. ପବନକୁ ଭୟ ନାହିଁ। ଅପରପକ୍ଷରେ ସମୁଦ୍ର ଉପକୂଳବର୍ତ୍ତୀ ମହାନଦୀ ମୁହାଣରୁ ବରୁଣାଇ ମୁହାଣ ପର୍ଯ୍ୟନ୍ତ ପୂର୍ବ ଅପେକ୍ଷା ଘଞ୍ଚ ଲୁଣା, ଝାଉଁ ଓ ହେନ୍ତାଳ ଜଙ୍ଗଲ ପ୍ରଚୁର ପରିମାଣରେ ଶୋଭା ବର୍ଦ୍ଧନ କରିଛି। ଫଳରେ ବାତ୍ୟାକୁ ବହୁ ପରିମାଣରେ ମୁକାବିଲା କରିବା ସହ ଅଞ୍ଚଳକୁ ରକ୍ଷା କରିବାରେ ସହାୟ ହେବ ବୋଲି ପରିବେଶପ୍ରେମୀ ସୁବାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଅପରପକ୍ଷରେ ସମ୍ଭାବ୍ୟ ବାତ୍ୟା ଆଶଙ୍କାରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମୁଦ୍ର କୂଳିଆ ଅଞ୍ଚଳରେ ସଚେତନ କରାଯାଉଛି। ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳରେ ସ୍ୱେଚ୍ଛାସେବୀ ଗୋଷ୍ଠୀ, ଅଙ୍ଗନୱାଡ଼ି, ଆଶା, ସ୍ୱାସ୍ଥ୍ୟକର୍ମୀ, ମହିଳା ଗୋଷ୍ଠୀ ସଦସ୍ୟ ଉପସ୍ଥିତ ରହି ବାତ୍ୟା ଆଶଙ୍କାରେ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରାଉଛନ୍ତି। ବ୍ଲକ୍ ପ୍ରଶାସନ ପକ୍ଷରୁ ଉପକୂଳ ଅଞ୍ଚଳର ବାସିନ୍ଦାଙ୍କୁ ସତର୍କ ସୂଚନା ସହ ସଚେତନ ରହିବାକୁ କୁହାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରରୁ କୂଳକୁ ଫେରି ଆସିବାକୁ କୁହାଯାଇଛି। ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ବ୍ଲକ୍ ପ୍ରଶାସନ ସହ ସମୀକ୍ଷା କରିଛନ୍ତି। ସମ୍ଭାବ୍ୟ ବାତ୍ୟା ଆଶଙ୍କା ଥିବାରୁ ଜିରୋ କାଜୁଆଲ୍‌ଟି ଉପରେ ଗୁରୁତ୍ୱ ଦେଇଛନ୍ତି। ବାତ୍ୟା ଆଶ୍ରୟସ୍ଥଳ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ରହିବା ସହ ଶୁଖିଲା ଖାଦ୍ୟ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ବିଧାୟକ ନାୟକ ବିଡିଓ ସାଗର କୁମାର ନନ୍ଦଙ୍କ ସହ ଆଲୋଚନା କରିଛନ୍ତି।

# ପଟ୍ଟାମୁଣ୍ଡାଇରୁ ପାଇଲେ ୫ ଜଣ ଓଏଏସ୍

ପଟ୍ଟାମୁଣ୍ଡାଇ,୨୧।୧୦ (କଳ୍ପତରୁ ନାୟକ)


ଚନ୍ଦନ ଦାସ


ସୁନୀଲ ସ୍ୱାଇଁ

ଓପିଏସ୍‌ସି ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ପଟ୍ଟାମୁଣ୍ଡାଇରୁ ୫ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରିଆପଡ଼ା ଗ୍ରାମର ସୁନିଲ ସ୍ୱାଇଁ, ସଂସାରଫଳ ପଞ୍ଚାୟତ ଗୁଣ୍ଡି ଗ୍ରାମର ଚନ୍ଦନ ଦାସ, ସନ୍ଦିପ ସିଂହ, ଦୋଷିଆ ପଞ୍ଚାୟତ ବାସୁଦେବପୁର ଗ୍ରାମର ସୌମ୍ୟାଶ୍ରୀ ଦାସ ଓ ବଡମୂଳବସନ୍ତ ପଞ୍ଚାୟତ ବାଟିପେଡ଼ା ଗ୍ରାମର ସାଗରୀକା ସେଠୀ ଓଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜ ଗାଁ ସହ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ଜିଲା ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି।

ପୋଖରିଆପଡ଼ା ଗ୍ରାମର ସୁନିଲ ତାଙ୍କର ଏହି ସଫଳତାର ଶ୍ରେୟ ପିତା ସନନ୍ତ କୁମାର ସ୍ୱାଇଁଙ୍କ ମା' ସୁଷମା ସ୍ୱାଇଁ ଏବଂ କାକିକାକା ଓ ତାଙ୍କ ଶିକ୍ଷକଙ୍କୁ ଦେଇଛନ୍ତି। ସେ ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଓଏଏସ୍ ପରୀକ୍ଷାରେ ୩୬୬ ସ୍ଥାନ ଅଧିକାର କରି ସଫଳତା ହାସଲ କରିଛନ୍ତି। ଏହା ପୂର୍ବରୁ ସେ ଜଣେ ମେକାନିକାଲ ଡିଗ୍ରୀ ଇଞ୍ଜିନିୟରିଂ କରିଛନ୍ତି। ଓଏଏସ୍ ହେବା ପାଇଁ ନିଜର ଜିଦ୍ ତାଙ୍କୁ ଏହି ସଫଳତା ଦେଇଛି। ଭବିଷ୍ୟତରେ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ଓଡ଼ିଶାର ସାଧାରଣ ଜନତାଙ୍କୁ ନିଜର ସେବା ଯୋଗାଇବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ସୁନିଲ ପ୍ରକାଶ କରିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ସଂସାରଫଳ ପଞ୍ଚାୟତ ଗୁଣ୍ଡି ଗାଁର ସନ୍ଦୀପ ସିଂହ ସଦ୍ୟ ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା ଫଳାଫଳ ତାଲିକାର ୪୫୫ ନମ୍ବର ସ୍ଥାନ ହାସଲ କରିଛନ୍ତି। ତାଙ୍କର ସଫଳତାର ଶ୍ରେୟ ସେ ପିତା ଅବସରପ୍ରାପ୍ତ ଯୁଗ୍ମ ଶାସନ ସଚିବ ଅଶୋକ ଦାସ, ମାତା କମଳା ଦାସଙ୍କୁ ଦେଇଛନ୍ତି। ଭବିଷ୍ୟତରେ ଜଣେ ଭଲ ପ୍ରଶାସିକା ଭାବେ ତୃଣମୂଳସ୍ତରରୁ ଲୋକମାନଙ୍କ ସେବା କରିବାକୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି। ଓଏଏସ୍ ପରୀକ୍ଷାରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ୫ ଜଣ ସଫଳତା ପାଇ ଥିବାରୁ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ପୌର ଅଧ୍ୟକ୍ଷ ହେମନ୍ତ ସାହୁ,ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ପୋଲିସ ଶହୀଦ ଦିବସ ପାଳିତ


ପରେଡରେ ଯୋଗ ଦେଇଥିବା ପୋଲିସମାନେ।

କେନ୍ଦ୍ରାପଡ଼ା, ୨୧।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ଜଜାଙ୍ଗସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଜିଲା ପୋଲିସ ପକ୍ଷରୁ ୬୫ ତମ ପୋଲିସ ଶହୀଦ ଦିବସ ସୋମବାର ପାଳନ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ପରେଡରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ ଓ ଅନ୍ୟ ପୋଲିସ ପଦାଧିକାରୀ ଶହୀଦ୍‌ଙ୍କୁ ସମ୍ମାନ ଜଣାଇଥିଲେ। ଏସ୍‌ପି କାଟାରିଆ କହିଥିଲେ, ୧୯୫୯ ଅକ୍ଟୋବର ୨୧ରେ ଚାଇନା ସୈନିକ ଭାରତ ସୀମା ଉଲ୍ଲଂଘନ କରୁଥିଲେ। ଏହି ସମୟରେ ଭାରତର ୧୦ ଯବାନ ସେମାନଙ୍କୁ ପ୍ରତିରୋଧ କରିବାକୁ ଯାଇ ପ୍ରାଣବଳୀ ଦେଇଥିଲେ। ଏହି ଦିନକୁ ମନେ ପକାଇବାକୁ ୧୯୬୦ ମସିହାଠାରୁ ଶହୀଦ ଦିବସ ପାଳନ କରାଯାଉଛି। ସେବେଠାରୁ ଅଦ୍ୟାବଧି ପୋଲିସ ବାହିନୀ ପ୍ରତ୍ୟେକ ବିପଦକୁ ସାହସର ସହିତ ମୁକାବିଲା କରୁଛନ୍ତି। ଆଗକୁ ଏହି ଧାରା ବଜାୟ ରହିବ। ପ୍ରାରମ୍ଭରେ ଜିଲା ପୋଲିସ ପକ୍ଷରୁ ଶହୀଦସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ନେତାଜୀ ୟୁନାଇଟେଡ୍ କ୍ଲବ୍ ସ୍କୁଲଘେରି ଚାମ୍ପିୟନ

**ନୌଚାଳନା ପ୍ରତିଯୋଗିତା**

ମହାକାଳପଡ଼ା,୨୧।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ସହ ଚାମ୍ପିୟନ ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ଗଭୀର ସମୁଦ୍ରରେ ପାରମ୍ପରିକ ମତ୍ସ୍ୟଜୀବୀମାନେ ସାହସର ସହ ପ୍ରତିକୂଳ ପାଗକୁ ସାମ୍ନାକରି କୌଶଳକ୍ରମେ କୂଳକୁ ସୁରକ୍ଷିତ ଭାବେ ଫେରିଥାନ୍ତି। ଏମାନଙ୍କ ସାହସ ଓ ଧୈର୍ଯ୍ୟର ପରୀକ୍ଷା ପାଇଁ ନୌଚାଳନ ପ୍ରତିଯୋଗିତା ମହାକାଳପଡ଼ା ବ୍ଲକ୍‌ର ବଉଳକଣି ପଞ୍ଚାୟତ ସ୍କୁଲ ଘେରି ଗ୍ରାମ ନେତାଜୀ ୟୁନାଇଟେଡ୍ କ୍ଲବ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଅବସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲରେ ସ୍ଥାନୀୟ ଅଞ୍ଚଳର ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କୁ ୧୬ଟି ଟିମ୍ ଏହି ନୌଚାଳନା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ସ୍ଥାନୀୟ ବଡିଘର, ବଉଳକଣି, ସ୍କୁଲଘେରି, ଛପାଲି, କାଂଶପାଳ, ଜମ୍ବୁ ସମେତ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ୫ଦିନ ଧରି ନୌଚାଳନ ଅନୁଷ୍ଠିତ ହୋଇଥିଲା। ସୋମବାର ଫାଇନାଲ ପ୍ରତିଯୋଗିତାରେ ଜମ୍ବୁ ସହ ଘରୋଇ ଟିମ୍ ସ୍କୁଲ ଘେରି ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଶେଷରେ ଜମ୍ବୁ ଟିମ୍‌କୁ ହରାଇ ଘରୋଇ ଟିମ୍ ନେତାଜୀ ୟୁନାଇଟେଡ୍ କ୍ଲବ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କ ଲୁକ୍କାୟିତ ପ୍ରତିଭା ଆଗାମୀଦିନରେ ଜିଲା ରାଜ୍ୟ ତଥା ଜାତୀୟ ସ୍ତରରେ ପହଞ୍ଚାଇବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ଚାମ୍ପିୟନ ଟିମ୍‌କୁ ୫ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ରନର୍ସ ଅପ୍ ଜମ୍ବୁ ଟିମ୍‌କୁ ୩ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ତୃତୀୟ ଦଳ ପଞ୍ଚାୟତ ଟିମ୍ ବଉଳକଣି ଦଳକୁ ଟ୍ରଫି ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ନୌଚାଳନା ପ୍ରତିଯୋଗିତାକୁ ଅଞ୍ଚଳ ଆବାଳ ବୃଦ୍ଧବନିତା ଯୋଗଦେଇ ହୁଳହୁଳି, ଘଣ୍ଟ ଘଣ୍ଟା ବଜାଇ ଉତ୍ସାହିତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଦିଲୀପ ମଣ୍ଡଳ, ଖାଗେନ୍ ମିସ୍ତ୍ରି, କୃପାସିନ୍ଧୁ ହାଲଦାର, ବିନୋଦ ମଣ୍ଡଳ, ଦୀନଦୟାଳ ମଣ୍ଡଳ ଖେଳ ପରିଚାଳନା କରିଥିଲେ। ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ପ୍ରଶାନ୍ତ କୁମାର ସେଠୀ, ବାରେଣୀ ଭୂୟାଁ, ଜଗନ୍ନାଥ ଦଳାଇ, ଯୁବ ନେତା କ୍ରିଷ୍ଣପଦ ମଣ୍ଡଳ, ସରପଞ୍ଚ ସାଲବେଗ ମାହାଳି, ଶିକ୍ଷାବିତ୍ ସୁନ୍ଦର ମୋହନ ସିଂଙ୍କ ସମେତ ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ଥିଲେ।

# ମାର୍ଶାଘାଇ ପାଇଁ ଗୌରବ ଆଣିଲେ ଇପ୍ସିତା

ମାର୍ଶାଘାଇ,୨୧।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ମାର୍ଶାଘାଇର ଇପ୍ସିତା ପ୍ରିୟଦର୍ଶିନୀ ୬୭ତମ ସ୍ଥାନ ହାସଲକରି ମାର୍ଶାଘାଇ ପାଇଁ ଗୌରବ ଆଣିଛନ୍ତି। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ କଷୋଟିବାଲି ଗ୍ରାମର ଅବସରପ୍ରାପ୍ତ ହୋମିଓପାଥି ଡାକ୍ତର ବସନ୍ତ କୁମାର ବାରିକ ଓ ମା' ଅଧ୍ୟାପିକା ରୀନାରାଣୀ ପିଆରୀଙ୍କ ସାନଝିଅ ଇପ୍ସିତା ପ୍ରଥମ ଚେଷ୍ଟାରେ ଏହି ସଫଳତା ପାଇଛନ୍ତି। ଇପ୍ସିତା କେନ୍ଦ୍ରାପଡ଼ା କେନ୍ଦ୍ରୀୟ ବିଦ୍ୟାଳୟରୁ ଦଶମ ଏବଂ ଭୁବନେଶ୍ୱରସ୍ଥିତ ୩ ନଂ. କେନ୍ଦ୍ରୀୟ ବିଦ୍ୟାଳୟରୁ ଦ୍ୱାଦଶ ଶ୍ରେଣୀରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଭୂଗୋଳରେ ସ୍ନାତକ ଡିଗ୍ରୀ ହାସଲକରି ବର୍ତ୍ତମାନ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର (ଭୂଗୋଳ)ରେ ପ୍ରଥମ ବର୍ଷରେ ଅଧ୍ୟୟନ କରୁଛନ୍ତି। ତାଙ୍କ ପରିବାର ବର୍ତ୍ତମାନ କେନ୍ଦ୍ରାପଡ଼ା ଲ କଲେଜ କଲୋନିରେ ଅବସ୍ଥାନ କରୁଛନ୍ତି। ତାଙ୍କ ସଫଳତାର ଶ୍ରେୟ ସେ ମା' ବାପା, ଗୁରୁ, ମାମୁ ମାଇଁ ଓ ଭଉଣୀଭାଇଙ୍କୁ ଦେଇଛନ୍ତି। ଏ ଖବର ଜଣାପଡ଼ିବା ପରେ ସମଗ୍ର ମାର୍ଶାଘାଇ ଅଞ୍ଚଳ ଓ ଲ କଲେଜ କଲୋନିରେ ଖୁସିର ଲହରି ଖେଳିଯାଇଛି।

# ୨ରେ ରାଜ୍ୟସ୍ତରୀୟ ଚେସ୍ ଟୁର୍ଣ୍ଣାମେଣ୍ଟ

କେନ୍ଦ୍ରାପଡ଼ା, ୨୧।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଚେସ ଆସୋସିଏଶନ ପକ୍ଷରୁ ନଭେମ୍ବର ୨ ଓ ୩ ତାରିଖରେ ରାଜ୍ୟସ୍ତରୀୟ ଚେସ ଟୁର୍ଣ୍ଣାମେଣ୍ଟ ଓ ବୈଷ୍ଣବ ଚରଣ ପରିଡ଼ା ମେମୋରିଆଲର ଚତୁର୍ଥ ସଂସ୍କରଣ ଅନୁଷ୍ଠିତ ହେବ। ଏଥିରେ ଜିଲା ତଥା ରାଜ୍ୟରୁ ଖେଳାଳିମାନେ ଭାଗ ନେବେ ବୋଲି ଜିଲା ଆସୋସିଏଶନ ସଭାପତି ଦେବବ୍ରତ ସ୍ୱାଇଁ ଗଣମାଧ୍ୟମକୁ ସୋମବାର ସୂଚନା ଦେଇଛନ୍ତି। ଏଥିପାଇଁ ଖେଳାଳିମାନେ ଅଲ ଓଡ଼ିଆ ଚେସ ଆସୋସିଏଶନର ୱେବସାଇଟ୍‌ରେ ଆବେଦନ ପତ୍ର ଦାଖଲ କରିବାକୁ ଆସୋସିଏଶନର ସମ୍ପାଦକ ଭବେଶ ମହାନ୍ତି, ହାଡିବନ୍ଧୁ ସିଂ, ଧରଣୀଧର ସେଠୀ, ଲଲାଟ କେଶରୀ ସାମଲ ପ୍ରମୁଖ ସୂଚନା ଦେଇଛନ୍ତି।

# ରଶ୍ମିରଞ୍ଜନ ହତ୍ୟା ଘଟଣାରେ ୨ କୋର୍ଟ ଚାଲାଣ

ରାଜନଗର, ୨୧।୧୦(ଭାସ୍କର ରାଉତରାୟ)

ରାଜନଗର ଥାନା କୁରୁଣ୍ଟି ଗ୍ରାମରେ ୧୮ ତାରିଖ ସନ୍ଧ୍ୟାରେ ଗ୍ରାମର ବାତ୍ୟା ଆଶ୍ରୟସ୍ଥଳରେ ରଶ୍ମିରଞ୍ଜନ ପରିଡ଼ାଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାରେ ପୋଲିସ ୪ଦିନ ହେଲା ୪ଜଣଙ୍କୁ ଉଠାଇ ଆଣି ପଚରାଉଚରା କରୁଥିଲା। ସୋମବାର ପୋଲିସ ସେମାନଙ୍କ ମଧ୍ୟରୁ ରଶ୍ମିକାନ୍ତ ମଙ୍ଗରାଜ, ରାମଚନ୍ଦ୍ର ଦାସଙ୍କୁ ବିଏନଏସ ଦଫା ୧୦୩ (୨)ରେ କୋର୍ଟ ଚାଲାଣ କରିଛି। ଅନ୍ୟ ଦୁଇଜଣଙ୍କୁ ଛାଡ଼ି ଦେଇଛି। ଏହି ଘଟଣାରେ ଆଉ ୩ ଜଣ ବୁବୁ ପରିଡ଼ା, ଦିଲୁ ମହାରଥା, ଆନନ୍ଦ କଅଁର ଫେରାର ଥିବା ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

# ୨୩ରୁ ରାଜ୍ୟସ୍ତରୀୟ ରାଜକନିକା କପ୍ ଫୁଟ୍‌ବଲ


ବୈଠକରେ ରାଜକନିକା ଆଥଲେଟିକ୍ ଆସୋସିଏଶନର ସଦସ୍ୟମାନେ ।

ରାଜକନିକା, ୨୧।୧୦(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୪୩ତମ ରାଜ୍ୟସ୍ତରୀୟ ରାଜକନିକା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ-୨୦୨୪ ଆସନ୍ତା ୨୩ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୩ରେ ଶେଷ ହେବ। ସମସ୍ତ ୧୧ଟି ମ୍ୟାଚ ସ୍ଥାନୀୟ ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ପ୍ରତ୍ୟହ ୩ଟାରୁ ଆରମ୍ଭ ହେବ। ପୋଲ 'ଏ'ରେ ପପୁଲାର କ୍ଲବ ଢେଙ୍କାନାଳ, କ୍ରୀଡ଼ା ଛାତ୍ରାବାସ କଟକ, ଆଇଏଫ୍‌ସି ଫୁଟ୍‌ବଲ ଏକାଡେମୀ ରାଉରକେଲା, ଭଦ୍ରକ ବେଷ୍ଟ ଫୁଟ୍‌ବଲ ଏକାଡେମୀ, କନ୍ଧମାଳ ଫୁଟ୍‌ବଲ ଏକାଡେମୀ (ବୌଦ୍ଧ), ମଙ୍ଗଳା କ୍ଲବ କଟକ ଓ ପୋଲ 'ବି'ରେ ୟୁନାଇଟେଡ୍ ସ୍ପୋର୍ଟ କ୍ଲବ (ବରଗଡ଼), କିଶୋର କ୍ଲବ ଭୁବନେଶ୍ୱର, ଆୟୋଜକ ରାଜକନିକା ଆଥ୍‌ଲେଟିକ୍ ଆସୋସିଏଶନ (ରାଜକନିକା), ଜଗା ୟୁନାଇଟେଡ୍ ଭୁବନେଶ୍ୱର, ଗଣ୍ଡରପୁର ଫୁଟ୍‌ବଲ ଏକାଡେମୀ ଭୁବନେଶ୍ୱର, ସମ୍ବଲପୁର ଫୁଟ୍‌ବଲ ଏକାଡେମୀ (ସମ୍ବଲପୁର) ପ୍ରମୁଖ ୨ଟି ପୋଲରେ ୧୨ଟି ଟିମ୍ ଖେଳିବାର ବ୍ୟବସ୍ଥା କରାଯାଇଛି। ବୁଧବାର ଉଦ୍‌ଘାଟନୀ ମ୍ୟାଚରେ ପୋଲ 'ଏ'ରେ କ୍ରୀଡ଼ା ଛାତ୍ରାବାସ କଟକ ବନାମ ଆଇଏଫ୍‌ସି ଫୁଟ୍‌ବଲ ଏକାଡେମୀ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ। ଏ ନେଇ ରାଜକନିକା ଆଥ୍‌ଲେଟିକ୍ ଆସୋସିଏଶନ ସଭାଗୃହରେ ପୂର୍ବତନ ବିଧାୟକ ତଥା ଆସୋସିଏଶନର ସଭାପତି ଦୋଳଗୋବିନ୍ଦ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଆୟୋଜିତ ହେବାକୁ ଯାଉଥିବା ଖେଳର ଖେଳସୂଚୀ ସମେତ ସମସ୍ତ କାର୍ଯ୍ୟସାରଣୀ ସମ୍ପର୍କରେ ଆଲୋଚନା ହୋଇଥିଲା। ଆସୋସିଏଶନର ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ ସମସ୍ତ ବିବରଣୀ ପ୍ରଦାନ ପୂର୍ବକ କ୍ରୀଡ଼ାସୂଚୀ (ଫିକ୍ସଚର) ଉନ୍ମୋଚନ କରିଥିଲେ। ୩୧ରେ ଦୀପାବଳି ବିରତି ରହିବ। ନଭେମ୍ବର ୧ରେ ପ୍ରଥମ ସେମିଫାଇନାଲ, ୨ରେ ଦ୍ୱିତୀୟ ସେମିଫାଇନାଲ ଓ ୩ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସାଧାରଣ ସମ୍ପାଦକ ନାୟକ ସୂଚନା ପ୍ରଦାନ କରିଛନ୍ତି। ବୈଠକରେ ଆସୋସିଏଶନର ଉପସଭାପତି, ସହସମ୍ପାଦକ, ଯୁଗ୍ମ ସମ୍ପାଦକ, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ବ୍ଲକରେ ଖୋଲାରହିବ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

**ସମ୍ଭାବ୍ୟ ବାତ୍ୟା 'ଦାନା'କୁ ନେଇ ପ୍ରଶାସନର ପ୍ରସ୍ତୁତି ବୈଠକ**

ରାଜନଗର/ଆଳି/ପାଟକୁରା/ପଟ୍ଟାମୁଣ୍ଡାଇ, ୨୧।୧୦ (ଭାସ୍କର ରାଉତରାୟ/ ବନମାଳୀ ସେନାପତି/ ରବୀନ୍ଦ୍ର ନାଥ ବାରିକ/ କଳ୍ପତରୁ ନାୟକ)


ଆଳିଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବ୍ଲକ ପ୍ରଶାସନିକ ଅଧିକାରୀ।

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସମ୍ଭାବ୍ୟ ବାତ୍ୟା 'ଦାନା' ରୂପ ନେଇଛି। ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାକୁ ନେଇ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶ ମତେ ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ ଜରୁରୀ ବୈଠକ ଡକାଯାଇ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ କରାଯାଇଛି। ତହସିଲଦାର ଅଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସୋମବାରଠାରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ବ୍ଲକରେ ଖୋଲାଯିବ। ୪୫ଟି ବାତ୍ୟା ଆଶ୍ରୟସ୍ଥଳ ଓ ୩୫ଟି ବିଦ୍ୟାଳୟ ମୋଟ ୮୦ଟି ଆଶ୍ରୟସ୍ଥଳରେ ଲୋକଙ୍କୁ ସ୍ଥାନାନ୍ତର କରାଯିବ। ପ୍ରତ୍ୟେକ ଆଶ୍ରୟସ୍ଥଳ ପାଇଁ ସରକାରୀ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବିଡିଓ ନିଶାନ ମିଶ୍ରଙ୍କ ସମେତ ସମସ୍ତ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍, କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ରାଜସ୍ୱ ନିରୀକ୍ଷକମାନେ ଯୋଗଦେଇଥିଲେ। କୌଣସି ପରିସ୍ଥିତିରେ ଜିରୋ କାଜୁଆଲିଟି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ତହସିଲଦାର ମହାନ୍ତି ମଗରକନ୍ଦାରେ ପହଞ୍ଚି ଲୋକଙ୍କୁ ଭେଟି ଆଲୋଚନା କରିବା ସହ ମଙ୍ଗଳବାର ସକାଳୁ ଓକିଲପାଳ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ହେବାକୁ ବୁଝାଇଛନ୍ତି।

ସେହିପରି ଆଳି ବିଡିଓ ମିନତି ଜଗଦେବଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଆଇଆଇସି ସବ୍ୟସାଚୀ ଶତପଥୀ ପ୍ରମୁଖ ଯୋଗଦେଇ ବାତ୍ୟା ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗ ସହ ଆଲୋଚନା କରିଥିଲେ। ଆଳି ବ୍ଲକର ୩୪ଟି ପଞ୍ଚାୟତରୁ ୨୮ଟି ପଞ୍ଚାୟତର ୮୭ଟି ଗ୍ରାମ ଉପରେ ବାତ୍ୟା ହେଲେ ପ୍ରଭାବ ଆଶଙ୍କା ରହିଛି। ଏଥିପାଇଁ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଛି। ଆଳି ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ, ଖରସ୍ରୋତା ଓ ଶାଖା କାଣୀ ନଦୀ କୂଳରେ ବସବାସ କରୁଥିବା ଗାଁର ଲୋକଙ୍କୁ ସ୍ଥାନାନ୍ତର କରାଯିବାକୁ ପ୍ରତି ପଞ୍ଚାୟତରେ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇଛି। ଆଶ୍ରୟସ୍ଥଳରେ ପାନୀୟ ଜଳ, ବିଦ୍ୟୁତ୍ ବ୍ୟବସ୍ଥା, ଶୁଖିଲା ଖାଦ୍ୟ ଓ ରନ୍ଧାଖାଦ୍ୟର ବ୍ୟବସ୍ଥା କରିବା ନିମନ୍ତେ ପ୍ରଶାସନ ପ୍ରସ୍ତୁତ ରହିଛି। ଆଳି ବ୍ଲକର ୩୪ଟି ପଞ୍ଚାୟତରେ ନିର୍ମାଣ ହୋଇଥିବା ୩୦ରୁ ଊର୍ଦ୍ଧ୍ୱ ବାତ୍ୟା ଆଶ୍ରୟସ୍ଥଳ ଏବେ ନଷ୍ଟ ହୋଇଗଲାଣି। ପଦନୀପାଳ ଓ ଏକମାଣିଆ ପଞ୍ଚାୟତରେ ୨ଟି ବାତ୍ୟା ଆଶ୍ରୟସ୍ଥଳ କାର୍ଯ୍ୟକ୍ଷମ ରହିଛି। ଆଶ୍ରୟସ୍ଥଳରେ ସାଧାରଣ ଲୋକଙ୍କ ସମେତ ଗୃହପାଳିତ ପ୍ରାଣୀଙ୍କ ଆଶ୍ରୟ ଲାଗି ବ୍ୟବସ୍ଥା ରହିଥିବା ବିଡିଓ ସୂଚନା ଦେଇଛନ୍ତି। ସେହିପରି ଅନ୍ୟ ପଞ୍ଚାୟତରେ ବିଭିନ୍ନ ସ୍କୁଲକୁ ବାତ୍ୟା ଆଶ୍ରୟସ୍ଥଳ ଭାବେ ପ୍ରସ୍ତୁତ କରାଯାଇଛି। ସେଠାରେ ସମସ୍ତ ପ୍ରକାର ଜରୁରୀ ମେଡ଼ିସିନ ମହଜୁଦ ରଖାଯିବ। ସେହିପରି ଆଳି ବ୍ଲକରେ ପ୍ରବାହିତ ନଦୀ ଗୁଡିକୁ କିପରି ଡ଼ଙ୍ଗା ଚାଳକମାନେ ନ ଯିବେ ସେଥିପ୍ରତି ମତ୍ସ୍ୟ, ଅଗ୍ନିଶମ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ଭୀଷ୍ମ ମହାନ୍ତି, କେଦାରନାଥ ବେହେରା, ବ୍ଲକର ସହକାରୀ ଯନ୍ତ୍ରୀ, କନିଷ୍ଠଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

ସେହିପରି ଗରଦପୁର ବ୍ଲକରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଅଧ୍ୟକ୍ଷ ଅଭୟ ମହାରାଜଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ବସିଥିଲା। ଏଥିରେ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ସମସ୍ତ ବିଭାଗୀୟ କର୍ମଚାରୀ, ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସମସ୍ତ ଜିଲାପରିଷଦ ସଦସ୍ୟମାନେ ସାମିଲ ହୋଇଥିଲେ। ବାତ୍ୟାର ଭୟଭୟତାକୁ ଦୃଷ୍ଟିରେ ରଖି ଲୋକଙ୍କୁ ସୁରକ୍ଷିତ ସ୍ଥାନଙ୍କୁ ସ୍ଥାନାନ୍ତର କରାଯିବ। ବ୍ଲକସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସେବା, ଓଡ୍ରାଫ ଓ ଅଗ୍ନିଶମ ଟିମ୍ ମୁତୟନ, ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ, ପଞ୍ଚାୟତରେ ନୋଡାଲ ଅଫିସର ନିୟୋଜିତ, ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟ ସେବା, ଗୋ ଖାଦ୍ୟ, ପଲିଥିନ ଓ ପାନୀୟ ଜଳ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ସମସ୍ତ ବାତ୍ୟା ଆଶ୍ରୟସ୍ଥଳ ଓ ସରକାରୀ କୋଠାଘରରେ ଲୋକମାନଙ୍କୁ ଥଇଥାନ ଏବଂ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ସଚେତନତା କରାଇବାକୁ ବ୍ଲକ ପକ୍ଷରୁ ପଦକ୍ଷେପ ନିଆଯାଇଛି।

ସେହିପରି ବାତ୍ୟା ଦାନାକୁ ନେଇ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ହୋଇଥିଲା। ଭିସି ଯୋଗେ ଆରଡିସି ଓ ଜିଲାପାଳ ବାତ୍ୟା ନେଇ ସମୀକ୍ଷା କରିବା ସହ ନଦୀକୂଳ, ଖାଲୁଆ ଅଞ୍ଚଳରେ ଥିବା ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳ ଓ ନିରାପଦ ଜାଗାକୁ ସ୍ଥାନାନ୍ତର କରାଯିବ। ଏଥିସହ ପଞ୍ଚାୟତ ଗୋଦାମରେ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଶୁଭ୍ରାଂଶୁ ସାହୁ, ତହସିଲଦାର ପଞ୍ଚାନନ ନାୟକ, ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ଏବିଡିଓ ସନ୍ତୋଷ ମନ୍ତ୍ରୀ, ବ୍ଲକ ସହକାରୀ ଯନ୍ତ୍ରୀ ଜଳଧର ବେହେରା, ବ୍ଲକ ଯୋଗାଣ ନିରୀକ୍ଷକ, ଅଗ୍ନିଶମ ଅଧିକାରୀ ବିଭିନ୍ନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ବାତ୍ୟାର ମୁକାବିଲା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଓ ତହସିଲଠାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇ ସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ କଳା ବଜାର କରୁଥିବା ବ୍ୟବସାୟୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ଆଶାକର୍ମୀଙ୍କ ଗଣଧାରଣା

ଦଶପଲ୍ଲା,୨୧।୧୦
(ପ୍ରକାଶ କୁମାର ପାଣି)

ଓଡ଼ିଶା ଆଶା କର୍ମୀ ଆସୋସିଏଶନ ପକ୍ଷରୁ ସୋମବାର ଆଶା କର୍ମୀଙ୍କ ବିଭିନ୍ନ ଦାବି ପୂରଣ କରିବାକୁ ମଧଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣ ବିକ୍ଷୋଭ ଓ ଗଣଧାରଣା ସଙ୍ଗଠିତ ହୋଇଥିଲା। ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦାବିଗୁଡ଼ିକୁ କାର୍ଯ୍ୟ କରିବାର ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଯାଇଛି।

ମଧ୍ୟାହ୍ନ ୧୨ଟା ରେ ଆଶାକର୍ମୀଙ୍କର ଏକ ଶୋଭାଯାତ୍ରା ମଧଖଣ୍ଡ ଛକରୁ ବାହାରି ବିଭିନ୍ନ ଦାବି ଉପରେ ନାରା ବାଜି କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ଓ ଗଣଧାରଣା ସଙ୍ଗଠିତ ହୋଇଥିଲେ। ସସ୍ମିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣଧାରଣା ସଭାରେ ବକ୍ତାମାନେ କେନ୍ଦ୍ର ମୋଦୀ ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୧୯ବର୍ଷ ହେଲା ସେବା ଦେଇ ଆସୁଥିବା ଆଶାକର୍ମୀଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା ଓ ସର୍ବନିମ୍ନ ୨୬ ହଜାର ଟଙ୍କା ଦରମା, ମାସିକ ୧୦ ହଜାର ଟଙ୍କା ପେନସନ, ମୃତ୍ୟୁ କାଳୀନ ଓ ଅବସରକାଳୀନ ୧୦ ଲକ୍ଷ ଟଙ୍କା ସାହାଯ୍ୟତା ଓ ସାମାଜିକ ସୁରକ୍ଷା ସରକାର ଯୋଗାଇ ଦେବାକୁ ଦାବି କରିଥିଲେ। ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପ୍ରଦାନ କରିଥିଲା ବେଳେ ମାସିକ ପାଉଣା, ବିଭିନ୍ନ ତାଲିମର ବକେୟା ସାହାଯ୍ୟତା ଭଳି ସ୍ଥାନୀୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଆଲୋଚନା କରିଥିଲେ। ଶେଷରେ ସ୍ୱାସ୍ଥ୍ୟ ଅଧିକାରୀ ସ୍ଥାନୀୟ ସମସ୍ୟାଗୁଡ଼ିକର ସମାଧାନ ଜରୁରୀ କରାଯିବ ବୋଲି ଧାରଣାକାରୀଙ୍କୁ ପ୍ରତିଶ୍ରୁତି ଦେବାରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ବିକ୍ଷୋଭ ଗଣଧାରଣାରେ ବାମପନ୍ଥୀ ନେତା ଶରତ ବେହେରା, ପୂର୍ବତନ ସରପଞ୍ଚ ଗଣେଶ ନାୟକ, ସିଟୁର ରାଜ୍ୟ ସମ୍ପାଦକ ସୁରେଶ ସ୍ୱାଇଁ, ଆଶା କର୍ମୀଙ୍କ ଜିଲା ସଭାପତି ଚାପଧାରୀ ରାଉତ, ଜିଲା ସମ୍ପାଦିକା ନଳିନୀ ଦାସ, ସଂଯୁକ୍ତା ସେଠୀ, କାଳନ୍ଦୀ ନାୟକ, ମଞ୍ଜୁଳି ରାଉତ, କାଞ୍ଚନ ବେହେରା, ନଳିନୀ ରଥ, ରୀନା ସାହୁ, ମେନକା ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।



ଶୋଭାଯାତ୍ରାରେ ଆଶା କର୍ମୀମାନେ ଯାଉଛନ୍ତି।

# ଶିଶୁର ବିଜ୍ଞତା ବିଜ୍ଞାନ ମେଳାରୁ ହିଁ ଜଣାପଡ଼େ

ଶରଣକୁଳ,୨୧।୧୦
(ଦୀପକ କର)

ଶରଣକୁଳ ନିକଟ ଗୋଡ଼ିପଡ଼ାଠାରେ ଥିବା ଉତ୍କଳ ପବ୍ଲିକ ସ୍କୁଲରେ ସୋମବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାକୁ ବିଦ୍ୟାଳୟର ସମ୍ପାଦିକା ତଥା ଅଧ୍ୟକ୍ଷା ରଞ୍ଜିତାରାଣୀ ଷଡଙ୍ଗୀ ଓ ଆଙ୍ଗିସିଙ୍ଗି କ୍ଲଷ୍ଟର ସିଆରସିସି ରାଜେଶ କୁମାର ଷଡଙ୍ଗୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ସର୍ବ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗରେ ୭୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅପରାହ୍ନରେ ବିଦ୍ୟାଳୟର ସଭାପତି ଶରତ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଦୁର୍ଗା ଚରଣ ହାଇସ୍କୁଲ ଅଶ୍ୱସ୍ତପଡ଼ାର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ସେ କହିଥିଲେ, ଶିଶୁର ବିଜ୍ଞତା ବିଜ୍ଞାନ ମେଳାରୁ ହିଁ ଜଣାପଡିଥାଏ। ଶିକ୍ଷୟିତ୍ରୀଶିକ୍ଷକମାନେ ସେମାନଙ୍କ ପ୍ରତି ଗୁରୁତ୍ୱ ଦେଇ ମନରେ ପ୍ରତିଟି ସତ୍ୟତାକୁ ପରୀକ୍ଷଣ ମାଧ୍ୟମରେ ପ୍ରତିପାଦିତ କରିପାରିଲେ ସେହି ଶିଶୁଟି ଭବିଷ୍ୟତରେ ଜଣେ ବୈଜ୍ଞାନିକ ହୋଇ ବିଶ୍ୱର ମଙ୍ଗଳରେ ନିଜକୁ ନିୟୋଜିତ କରିପାରିବ। ଅନ୍ୟମାନଙ୍କ ମଧ୍ୟରେ କେ. ଏସ. ବି. ପବ୍ଲିକ ସ୍କୁଲର ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ମୁଖ୍ୟବକ୍ତା ରୂପେ ଯୋଗଦେଇ, ବିଜ୍ଞାନ ମେଳା ଶିଶୁମାନଙ୍କର ଦେଖିବା ଓ ଶିଖିବାର ଏକ ଉତ୍ତମ ପ୍ରୟାସ ବୋଲି ମତ ରଖିଥିଲେ। ଶିକ୍ଷକ ବ୍ରଜ କିଶୋର ମିଶ୍ର ଓ ନିରଞ୍ଜନ ପ୍ରଧାନ ବିଚାରକ ରୂପେ ଯୋଗଦେଇ ୩ ଟି ବିଭାଗରୁ ମନୋନୀତ କରିଥିବା ୧୨ଟି ପ୍ରକଳ୍ପକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁମାଗୁରୁଜୀ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ୨୭ରେ ଭକ୍ତି ସଙ୍ଗୀତ ପ୍ରତିଯୋଗିତା


ସଙ୍ଗୀତଧାରାର ସଦସ୍ୟମାନେ।

ନୟାଗଡ଼,୨୧।୧୦
(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଲୁକ୍କାୟିତ ସଙ୍ଗୀତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପ୍ରୟାସରେ 'ସଙ୍ଗୀତଧାରା' ନୟାଗଡ଼ ପକ୍ଷରୁ ଜିଲାସ୍ତରୀୟ ଭକ୍ତିସଙ୍ଗୀତ ପ୍ରତିଯୋଗିତାର ବ୍ଲକସ୍ତରୀୟ ଅଡିସନ ନୟାଗଡ଼ରେ ଚଳିତ ମାସ ୨୭ ତାରିଖ ରବିବାର ଅନୁଷ୍ଠିତ ହେବ। ସ୍ଥାନୀୟ ଏନ୍‌ଏସି ହାଇସ୍କୁଲ ପରିସରରେରେ ପୂର୍ବାହ୍ନରେ ୧୦ଟାରେ ବିନା ବାଦ୍ୟଯନ୍ତ୍ରରେ ପ୍ରତିଯୋଗୀମାନଙ୍କ ଅଡିସନ ନିଆଯିବ। ଏଥିରେ ୧୪ରୁ ୨୪ବର୍ଷର ଉଭୟ ଝିଅପୁଅ ପ୍ରତିଯୋଗିତାରେ ଭାଗ ନେଇପାରିବେ। ପ୍ରତିଯୋଗୀମାନେ ସକାଳ ସାଢ଼େ ୯ଟାରେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ନାମ ପଞ୍ଜୀକରଣ କରିବେ। ଏ ନେଇ 'ସଙ୍ଗୀତଧାରା'ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମହର୍ଷି ଖେଳ ପଡ଼ିଆଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ନିଷ୍ପତ୍ତି ଅନୁଯାୟୀ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ 'ନୟାଗଡ଼ ସଙ୍ଗୀତ କଲ୍ଲୋଳ' ଉପାଧି ସହିତ ନଗଦ ୧୧ ହଜାର ଟଙ୍କା ପୁରସ୍କାର ଅର୍ଥରାଶି ଏବଂ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ଯଥାକ୍ରମେ ୫ ହଜାର ଏବଂ ୩ ହଜାର ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ। ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର ସଭାପତି ବିଜୟ କୁମାର ଚୌଧୁରୀ, ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ସଂଯୋଜକ ଲକ୍ଷ୍ମୀଧର ସାହୁଙ୍କ ସମେତ ସଦସ୍ୟ ଆଶୁତୋଷ ମିଶ୍ର, ପ୍ରଦୀପ୍ତ ରଥ, ବିଜୟାନନ୍ଦ ମହାପାତ୍ର, ଗୋପୀନାଥ ସେଠୀ, ପ୍ରଶାନ୍ତ ପଟ୍ଟନାୟକ, ପ୍ରଫୁଲ୍ଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମଧୁସୂଦନଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ ପାଇଁ ଦାବି

ନୟାଗଡ଼,୨୧।୧୦
(ଲୋକନାଥ ମିଶ୍ର)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଭାରତ ରତ୍ନ ପ୍ରଦାନ କରିବା ସହ ସଂସଦ ଭବନ ପରିସରରେ ପ୍ରତିମୂର୍ତ୍ତି ସ୍ଥାପନ ତଥା ଫଟୋଚିତ୍ର ସ୍ଥାପନ ପାଇଁ ଦାବି ଉଠିଛି। ଏହି ଅବସରରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ଭାରତର ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଅନୁରୋଧ ପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନିମନ୍ତେ ପ୍ରତ୍ୟେକ ଜିଲାରେ ସଚେତନତା ଓ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଉତ୍କଳ ସମ୍ମିଳନୀ ନୟାଗଡ଼ ଜିଲା ଶାଖା ପକ୍ଷରୁ ନୟାଗଡ଼ର ବେସରକାରୀ ମହାବିଦ୍ୟାଳୟ ସଭାଗୃହରେ ଜିଲାସ୍ତରୀୟ ସଚେତନତା ଓ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ନୟାଗଡ଼ ଶାଖା ସଭାପତି ବସିରନ୍ ବିବିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରୁ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁସୂଦନ ଦାସଙ୍କ ଭୂମିକା ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରକ ଭାବେ ସୁଦର୍ଶନ ପ୍ରଧାନ, ନିରଞ୍ଜନ ନାୟକ, ଜ୍ଞାନ ପ୍ରକାଶ ବାରିକ ଯୋଗଦେଇଥିବା ବେଳେ ବିଶ୍ୱକଲ୍ୟାଣ ତ୍ରିପାଠୀ, ଦେବୀ ପ୍ରସାଦ ନନ୍ଦ ଓ ପ୍ରାଞ୍ଜଳ ପରିମିତା ପରିଡ଼ା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାଚକ୍ରରେ ବକ୍ତା ଭାବେ ପ୍ରଦୀପ କୁମାର ସାହୁ, ସୁଜାତା ତ୍ରିପାଠୀ, ଗୋକୁଳ କୁମାର ଷଡଙ୍ଗୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନ, କୃତୀ ଓ କୀର୍ତ୍ତି ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ଥିବା କବି ରଞ୍ଜନ ରଶ୍ମି ଜେନା, ପ୍ରବାସିନୀ ବରାଡ କବିତା ଆବୃତ୍ତି କରିଥିବା ବେଳେ ସଂଯୋଜକ ତଥା କଥାକାର ଗୋପୀନାଥ ସେଠୀ ଗଳ୍ପ ପାଠ କରିଥିଲେ। ଏଥିରେ ଶତାଧିକ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ଯୋଗଦେଇ ମଧୁସୂଦନଙ୍କୁ ଭାରତ ରତ୍ନ ପ୍ରଦାନ ଅଭିଯାନରେ ସାମିଲ ହୋଇଥିଲେ। ନୟାଗଡ଼ ଶାଖା ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ପ୍ରାଧ୍ୟାପକ କେ ଦଣ୍ଡପାଣି ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।



ବୈଠକରେ ଉପସ୍ଥିତ ଅତିଥିମାନେ।

# ଶତପଥୀ ଲାୟନ୍ସ, ଇସାନ ରୟାଲ ବିଜୟୀ

ଖଣ୍ଡପଡା,୨୧।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ସାଇକୃପା କେପିଏଲ କମିଟି ପକ୍ଷରୁ ରବିବାରଠାରୁ ସ୍ଥାନୀୟ ପଲଟନ ପଡ଼ିଆରେ ଆରମ୍ଭ ହୋଇଥିବା ୪ର୍ଥ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସରେ ଶତପଥୀ ଲାୟନ୍ସ ୭ ଉଇକେଟରେ ରୟାଲ କିଙ୍ଗକୁ ହରାଇ ଖେଳରେ ବିଜୟୀ ହୋଇଛି। ପ୍ରଥମେ ରୟାଲ କିଙ୍ଗ ଦଳ ଟସ୍ ଜିଣି ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୧.୪

**ପ୍ରିମିୟର ଲିଗ କ୍ରିକେଟ**

ଓଭରରେ ସମସ୍ତ ଉଇକେଟ ହରାଇ ୬୭ ରନ ସଂଗ୍ରହ କରିଥିଲା। ଜବାବରେ ଦି ଶତପଥୀ କିଙ୍ଗ ଦଳ ୭ ଓଭରରେ ୩ ଉଇକେଟ ବିନିମୟରେ ନିର୍ଦ୍ଧାରିତ ୬୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଅଶୋକ କିଙ୍ଗ ଦଳର ବିଷ୍ଣୁ ପ୍ରସାଦ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଅଶୋକ କୁମାର ବାରିକ ଓ ନିପ୍ରସ ସାହୁ ପରିଚାଳନା କରିଥିଲେ। ସ୍କୋରର ଭାବେ ଗୌରାଙ୍ଗ ଚରଣ ସେଠୀ ଦାୟିତ୍ୱ ତୁଲାଇଥିଲେ। ସେହିପରି ଆଜିର ଦ୍ୱିତୀୟାର୍ଦ୍ଧ ମ୍ୟାଚରେ ଦିପୁ କିଙ୍ଗସ ଓ ଇସାନ ରୟାଲ ମଧ୍ୟରେ ମୁକାବିଲା ହୋଇଥିଲା। ପ୍ରଥମେ ଇସାନ ରୟାଲ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲା। ଜବାବରେ ଦିପୁ କିଙ୍ଗ ୧୫ ଓଭରରେ ୮ଟି ଉଇକେଟ ବିନିମୟରେ ୧୨୨ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଇସାନ ରୟାଲ ୨୪ ରନରେ ଦିପୁ କିଙ୍ଗକୁ ପରାସ୍ତ କରି ବିଜୟୀ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳର ବିଜୟୀ ଶତପଥୀ କିଙ୍ଗସ ଦଳର ଅମୀୟ ୧୪ ବଲରେ ୧୯ ରନ ସହ ୩.୪ ଓଭର ବୋଲିଂ କରି ୬ଟି ଉଇକେଟର ପତନ ଘଟାଇ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧ ଖେଳ ବିଜୟୀ ଇସାନ ରୟାଲ ଦଳର ରାଜେଶକୁ ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଥିଲା। ମଙ୍ଗଳବାର ପ୍ରଥମାର୍ଦ୍ଧରେ ଦି ରୟାଲ କିଙ୍ଗ ସହ ବିକାଶ ୱାରିୟର ଏବଂ ଦ୍ୱିତୀୟାର୍ଦ୍ଧ ମ୍ୟାଚରେ ଅଶୋକ କିଙ୍ଗସ ସହ ଇସାନ ରୟାଲର ମୁକାବିଲା ହେବ ବୋଲି ପରିଚାଳକ ସରୋଜ କୁମାର ମହାରଣାଙ୍କଠାରୁ ପ୍ରକାଶ।

# ଜିଲାପାଳଙ୍କ ଜନଶୁଣାଣି: ୧୪୧ ଅଭିଯୋଗ



ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଖଣ୍ଡପଡ଼ା, ୨୧।୧୦
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ବ୍ଲକର ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଉପଜଲାପାଳ କର୍ଣ୍ଣଦେବ ସମାଦାର, ଏଡିଏମ୍ ଦଲୀପ କୁମାର ବଳ, ଡ଼ିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦେବଦତ୍ତ ପଣ୍ଡା, ଏସ୍‌ପି ଏସ୍. ସୁଶ୍ରୀ, ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆଙ୍କ ସମେତ ବିଭିନ୍ନ ବିଭାଗୀୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। ଶିବିରରେ ସର୍ବମୋଟ ୧୪୧ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୩୫ ଗୋଟି ବ୍ୟକ୍ତିଗତ, ୪ଟି ଗ୍ରାମ୍ୟ ସମସ୍ୟା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତାପ୍ରାପ୍ତି ନିମନ୍ତେ ୨ଟି ଆବେଦନପତ୍ର ଗ୍ରହଣ କରାଯାଇଥିବା ଖଣ୍ଡପଡ଼ା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ଅଭିଯୋଗ ଗୁଡିକ ମଧ୍ୟରୁ ୧୪ଟି ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବାକୁ ଜିଲାପାଳ ବିଭିନ୍ନ ବିଭାଗ ଅଧିକାରୀ ଓ ଖଣ୍ଡପଡ଼ା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିର ସୁପରିଚାଳନାରେ ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ ସହଯୋଗ କରିଥିଲେ।

# ପାରିଶ୍ରମିକ ନ ମିଳିବାରୁ ସମାବେଶ

ନୟାଗଡ଼,୨୧।୧୦
(ଲୋକନାଥ ମିଶ୍ର)

ନୟାଗଡ ଜିଲାରେ କାର୍ଯ୍ୟରତ ଏମ୍‌ବିକେ, ସିଆର୍‌ପି, କୃଷିମିତ୍ର, ପ୍ରାଣୀମିତ୍ରଙ୍କ ପରି କମ୍ୟୁନିଟ୍ ସପୋର୍ଟ ଷ୍ଟାଫମାନେ ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ସମାବେଶ କରି ନିଜର କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୂର୍ବରୁ ଗତ ୭ମାସର ଦରମା ପାଇ ନ ଥିବାରୁ ଡିପିଏମ୍‌ଙ୍କୁ ଦାବିପତ୍ର ଦେଇଥିଲେ। ଏପରି ଗତ ୨୫ ତାରିଖରେ କଲମ ଛାଡ଼ ଆନ୍ଦୋଳନ କରିଥିଲେ। ଦଶହରା ଛୁଟି ପରେ ଦରମା ପାଇବାର ଆଶ୍ୱସନା ପାଇ ଆନ୍ଦୋଳନ ପ୍ରତ୍ୟାହାର କରି ନେଇଥିଲେ। ତେବେ ରାଜ୍ୟ ସରକାର ଦରମା ଦେଉ ନ ଥିବାରୁ ବକେୟା ଦରମା ମିଳିପାରୁନାହିଁ। ଏଣୁ ଏ ନେଇ ମିଶନ ଶକ୍ତି ଡିପିଏମ୍, ଜିଲାପାଳ, ଜିଲା ପରିଷଦ ଅଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରି ବିନା ପାରିଶ୍ରମିକରେ କାମ କରିବା ସମ୍ଭବ ନୁହେଁ ଦର୍ଶାଇଛନ୍ତି। ଏଭଳିସ୍ଥଳେ ପଞ୍ଚାୟତ ମହାସଂଘରେ ଥିବା ଆଭେଲବୁଲ ଫଣ୍ଡରୁ ପାରିଶ୍ରମିକ ଦେବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି।

# ଜେଲ ଗଲେ ଗଞ୍ଜେଇ ବ୍ୟବସାୟୀ

**ଖୋର୍ଦ୍ଧାକୁ ଯାଉଥିଲା ୧୦ କେଜି ଗଞ୍ଜେଇ**

ନୟାଗଡ଼,୨୧।୧୦
(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ପୋଲିସ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଖୋର୍ଦ୍ଧା ଟାଉନ ଥାନା ହଳଦିଆ ଗାଁର ବିଷ୍ଣୁ ପ୍ରସାଦ ନାୟକ(୫୩)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ବିଷ୍ଣୁ ପ୍ରସାଦଙ୍କଠାରୁ ୧୦ କେଜି ଗଞ୍ଜେଇ ଜବତ କରାଯାଇଛି। ହଳଦିଆ ଗାଁର ବିଷ୍ଣୁ ପ୍ରସାଦ ରବିବାର ସନ୍ଧ୍ୟାରେ ୧୦ କେଜି ଗଞ୍ଜେଇକୁ ଏକ ଜରି ବ୍ୟାଗରେ ଧରି ଏପଟସେପଟ ହେଉଥିଲେ। ନୟାଗଡ ଟାଉନ ଥାନା ପୋଲିସ ସନ୍ଦେହରେ ତାଙ୍କୁ ଅଟକ ରଖି ଗଞ୍ଜେଇ ଜବତ କରିଥିଲେ। ଅନ୍ୟପକ୍ଷେ ନଂ. ୪୦୬/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲେ।

# ପିଟିଏସ୍ ପଡ଼ିଆରେ ଶହୀଦ ସ୍ମୃତି ଦିବସ


ପରେଡରେ ଏସ୍‌ପି ଏସ୍ ସୁଶ୍ରୀ ଅଭିଭାଦନ ଗ୍ରହଣ କରୁଛନ୍ତି।

ନୟାଗଡ଼,୨୧।୧୦
(ଲୋକନାଥ ମିଶ୍ର)

ନୟାଗଡ଼ ପିଟିଏସ୍ ପଡ଼ିଆରେ ସୋମବାର ଜିଲା ପୋଲିସ ପକ୍ଷରୁ ଶହୀଦ୍ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଆୟୋଜିତ ପାରେଡ଼ରେ ଏସ୍‌ପି ଏସ୍ ସୁଶ୍ରୀ ଯୋଗଦେଇ ଅଭିଭାଦନ ଗ୍ରହଣ କରିଥିଲେ। ପୋଲିସ ଶହୀଦ୍ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ଅତିରିକ୍ତ ଏସ୍‌ପି ସୁବାଶ ପଣ୍ଡାଙ୍କ ସମେତ ଡିଏସ୍‌ପି, ବିଭିନ୍ନ ଥାନାର ଆଇଆଇସି ପ୍ରମୁଖ ଯୋଗ ଦେଇଥିଲେ।

# ନୟାଗଡ଼ରୁ ୧୪ ଜଣ ପାଇଲେ ଓଏଏସ୍

- ଅଷ୍ଟମ ର୍ୟାଙ୍କରେ ଇଟାମାଟିର ଆଦିତ୍ୟ
- ସୁପରଭାଇଜରଙ୍କ ପୁଅ ମାରିଲେ ବାଜି

ନୟାଗଡ଼,୨୧।୧୦
(ଲୋକନାଥ ମିଶ୍ର)

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ୨୦୨୨ର ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ପରୀକ୍ଷାରେ ରାଜ୍ୟରେ ୬୮୩ଜଣ କୃତକାର୍ଯ୍ୟ ହୋଇଥିବାବେଳେ ନୟାଗଡ଼ ଜିଲାର ୧୪ଜଣ ସଫଳତା ପାଇ ନୟାଗଡ଼ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଅଷ୍ଟମ ର୍ୟାଙ୍କରେ ନୟାଗଡ଼ ବ୍ଲକ ଇଟାମାଟି ଜଗନ୍ନାଥ ସାହିର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ରହିଥିବାବେଳେ ଓଡ଼ଗାଁ ବ୍ଲକ ଶରଣକୁଳ ନିକଟସ୍ଥ ଗୋଡିପଲ୍ଲୀ ଗାଁର ସନ୍ତୋଷ କୁମାର ଜେନା ୪୪ ନଂ. ର୍ୟାଙ୍କରେ ରହି ଉତ୍ତୀର୍ଣ୍ଣ ହୋଇଛନ୍ତିୟ। ସନ୍ତୋଷ ଓଏଏସ୍ ପରୀକ୍ଷାରେ ପ୍ରଥମ ଥର ସଫଳତା ମିଳି ନ ଥିଲେ। ସନ୍ତୋଷଙ୍କ ବାପା ସିନ୍ଧୁ ଜେନା ଜମ୍ମୁରେ ନିର୍ମାଣ କାର୍ଯ୍ୟରେ ସୁପରଭାଇଜର କାମ କରୁଛନ୍ତି। ପୁଅର ଓଏଏସ ପରୀକ୍ଷାରେ ଅସୁବିଧା ନ ହେବାକୁ ଜମ୍ମୁରେ ରହି ଟଙ୍କା ପଠାଉଥିଲେ। ପୁଅ ମାମୁ ଘର ନୟାଗଡ଼ ମ୍ୟୁନିସିପାଲିଟିର ଲେଙ୍କୁଡ଼ିପଡ଼ାରେ ରହି ଗ୍ରାଜୁଏଶନ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ପାଠ ପଢ଼ିଥିଲେ। ପରେ ଖଲ୍ଲିକୋଟରେ ବଟାନିରେ ପିଜି କରିଥିଲେ। ଭୁବନେଶ୍ୱରରେ ୩ବର୍ଷ ହେଲା ଓଏଏସ୍ ପାଇଁ ପ୍ରସ୍ତୁତ ହେଉଥିଲେ। ଦିନକୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲେ। ସେହିପରି ନୟାଗଡ଼ ସହର ଖଣ୍ଡପଡ଼ା ରୋଡରେ ମଧୁସ୍ମିତା ମିଶ୍ର, ନୟାଗଡ଼ ବ୍ଲକ ବାଲୁଗାଁର ରଶ୍ମିରଞ୍ଜନ ସ୍ୱାଇଁ ଓ ମାନ୍ଧତାପୁର ଗାଁର ସାର୍ଥକ ତାରିଣୀ ମିଶ୍ର, ଓଡ଼ଗାଁ ଏନ୍‌ଏସି କୁମ୍ଭାରସାହିର ଅଂଶୁମାନ ଦାସ, ଖଣ୍ଡପଡ଼ା ସହରାଞ୍ଚଳର ବିଶ୍ୱଜିତ ରାଉତ, ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଖୁଦ ବେହେରା ପାଟଣାସାହିର ଅମୀୟ ରଞ୍ଜନ ସାହୁ, ଦଶପଲ୍ଲା ସହର ଦୁର୍ଗା ବଜାର କଲୋନୀର ସୁଶ୍ରୀ ରଶ୍ମିତା ସାହୁ, ନୟାଗଡ଼ ମ୍ୟୁନିସିପାଲିଟି ଲକ୍ଷ୍ମଣନଗରର ଶୁଭକଲ୍ୟାଣୀ ମହାପାତ୍ର, ଭାପୁର ପାଇକକସାହିର ବଳଭଦ୍ର ବେହେରା, ରଣପୁର ବି.ସି. ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା ଖୋର୍ଦ୍ଧା ଜିଲା ସିକୋ ଖଡିପଦର ଗାଁର ଗୋପାଳକୃଷ୍ଣ ରାଉତରାୟ, ରଣପୁର ବ୍ଲକ ବୃନ୍ଦାବନପୁର ଗାଁର ହରପ୍ରସାଦ ମହାପାତ୍ର ଓ ଖଣ୍ଡପଡ଼ା ବ୍ଲକ ଗଡ଼ିଆସାହି ପଞ୍ଚାୟତ ନଟବରପୁର ଶାସନ ଗାଁର ସୌମେଶ ଆଚାର୍ଯ୍ୟ ପ୍ରମୁଖ ଅନୁରୂପ ଭାବେ ୧୨ ଜଣ ଓଏଏସ୍ ପାଇଛନ୍ତି।


ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ


ସନ୍ତୋଷ କୁମାର ଜେନା

## ସଂକ୍ଷେପରେ

### ପୁଣି ଅକ୍ଟୋବରରେ ବାତ୍ୟାକୁ ନେଇ ଭୟ

ଚଣ୍ଡିଖୋଲ,୨୧।୧୦(ପ୍ରଦୀପ୍ତକୁମାରପୃଷ୍ଟି): ୧୯୯୯ ମସିହାରେ ମହାବାତ୍ୟା ହୋଇଥିଲା ଅକ୍ଟୋବର ମାସ ୨୯ ତାରିଖ ଶୁକ୍ରବାର। ଯେଉଁଥିରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଅନେକ ଲୋକ ପ୍ରାଣ ହରାଇବା ସହ ବ୍ୟାପକ ଧନ ଜୀବନ ନଷ୍ଟ ହୋଇଥିଲା। ସେହି ବାତ୍ୟାକୁ ଯିଏ ଆଖିରେ ଦେଖିଛି ବର୍ତ୍ତମାନର ବାତ୍ୟା କଥା ଶୁଣି ଭୟଭୀତ ହେଉଛନ୍ତି। ମହା ପ୍ରଳୟଙ୍କରୀ ବାତ୍ୟା ଯାଜପୁର ଜିଲାର ବଡ଼ଚଣା ବ୍ଲକରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ବହୁ ଗୃହ ପାଳିତ ପଶୁଙ୍କ ଜୀବନ ଯାଇଥିଲା। କଚା ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ତେଣୁ ପୁନର୍ବାର ଅକ୍ଟୋବର ମାସରେ ବାତ୍ୟା 'ଦାନା'ଆସୁଥିବା ନେଇ ଆକଳନ ପାଣିପାଗ ବିଭାଗ କରିବା ପରେ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଚଳିତ ବର୍ଷ ସେହି ଅକ୍ଟୋବର ମାସର ୨୪ କିମ୍ବା ୨୫ ରେ ସ୍ଥଳ ଭାଗ ଛୁଇଁବ ବୋଲି ଆକଳନ କରାଯାଇଛି। ଗୁରୁବାର କିମ୍ବା ଶୁକ୍ରବାର ଯଦି ବାତ୍ୟା ହୁଏ ତେବେ ଶୁକ୍ରବାରକୁ କଳା ଶୁକ୍ରବାର ବୋଲି ଅଭିହିତ କରାଯାଇ ପାରେ। ପବନ ଓ ବର୍ଷାର ପରିମାଣକୁ ନେଇ ଠିକ୍ ଆକଳନ ପରେ ଜଣା ପଡ଼ିବ ବାତ୍ୟାର ପ୍ରକୃତ ରୂପ। ଏଥିପାଇଁ ସମସ୍ତେ ଆଶା ଆଶଙ୍କାରେ ରହିଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ବିଞ୍ଝାରପୁର,୨୧।୧୦(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରମୁଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ତପନ କୁମାର ମହାନ୍ତି(୬୫)ଙ୍କ ସୋମବାର ପୂର୍ବାହ୍ନରେ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ସେ ଜଣେ ସାମାଜିକ କର୍ମୀ ତଥା ଚନ୍ଦ୍ରମୁଁ ଗ୍ରା.ପ. ପୂର୍ବତନ ସରପଞ୍ଚ ଥିଲେ । ସେ ଜଣେ ଦରଦି ମଣିଷ ଭାବେ ଚନ୍ଦ୍ରମୁଁ ପଞ୍ଚାୟତରେ ପରିଚିତ ଥିଲେ। ତାଙ୍କ ପରଲୋକ ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଅପରାହ୍ନରେ ତାଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯାଇ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ତାଙ୍କ ପରଲୋକରେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସରପଞ୍ଚ ମାନସ ମଲ୍ଲିକ, ପୂର୍ବତନ ସରପଞ୍ଚ ଶରତଚନ୍ଦ୍ର ପୁହାଣ, ରମେଶ ଚନ୍ଦ୍ର ଦାସ,ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।



# ଖଳାରୁ ଧାନ ଉଭାନ

### ଧାନର ସହାୟକ ମୂଲ୍ୟରୁ ଚାଷୀଙ୍କୁ ମିଳୁନି ଲାଭ

ରସୁଲପୁର,୨୧।୧୦(ରଞ୍ଜିତ ରାଉତ):

ଯାଜପୁର ଜିଲା ରସୁଲପୁର ବ୍ଲକରେ ଖରିଫ ଋତୁରେ ଉତ୍ପାଦିତ ଧାନ ଖଳାରୁ ଉଭାନ ହୋଇଯାଉଛି। ବ୍ୟବସାୟୀମାନେ ମଣ୍ଡିରେ ଧାନ ବିକ୍ରୀ କରିବା ପାଇଁ ଅପେକ୍ଷା କରୁନାହାଁନ୍ତି । ମୋଟାମୋଟି ଭାବେ କହିବାକୁ ଗଲେ ଧାନର ବର୍ଦ୍ଧିତ ସହାୟକ ମୂଲ୍ୟ ୩୧ଶହ ଟଙ୍କାରୁ ଚାଷୀମାନଙ୍କୁ ଲାଭ ମିଳୁନାହିଁ। ମିଲର ଓ ଧାନ ବ୍ୟବସାୟୀମାନେ କୃଷି କ୍ଷେତରେ ପହଞ୍ଚି ଶାଗମାଛ ଦରରେ ଧାନ କିଣି ନେଇ ଲାଭବାନ ହେଉଥିବା ବେଳେ ମଣ୍ଡିର ସୁବିଧାକୁ ଚାଷୀକୂଳ ଅପେକ୍ଷା କରୁନାହାଁନ୍ତି। ବ୍ୟବସାୟୀମାନେ ଖଳାରୁ କିଣି ନେଉଥିବା ଧାନକୁ ଶୁଖାଇ, ସଫା ସୁତୁରା କରି ମଣ୍ଡିରେ ବିକ୍ରୀ କରୁଥିବାର ଅଭିଯୋଗ ହେଉଛି । ଧାନ ବିକ୍ରୀ କରିବା ପାଇଁ ମଣ୍ଡିରେ ନାମ ପଞ୍ଜିକରଣ କରି ଟୋକନ ହାତେଇଥିବା ଚାଷୀମାନଙ୍କ ସହ ବ୍ୟବସାୟୀମାନଙ୍କ ବୁଝାବଣାରେ କାରବାର ଚାଲୁଛି । ଅନ୍ୟପକ୍ଷେ ଚାଷୀମାନଙ୍କ ପାଇଁ କ୍ଷେତର ସାଟେଲାଇଟ୍ ସର୍ଭେ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ଏଭଳି ସ୍ଥିତିରେ କୃଷି ଓ ସମବାୟ ବିଭାଗ ପକ୍ଷରୁ ବ୍ଲକକୁ ଏକ ୟୁନିଟ୍ ଭାବେ ଗ୍ରହଣ କରାଯାଇ ଦରକାର ବେଳେ ସର୍ଭେ କରାଗଲେ ଚାଷୀମାନେ ଉପକୃତ ହୋଇପାରନ୍ତେ ବୋଲି ଚାଷୀମାନଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି।



ଟ୍ରାକ୍ଟରରେ ଧାନବସ୍ତାକୁ ଅନ୍ୟତ୍ର ନିଆଯାଉଛି ।

ସୂଚନା ଅନୁଯାୟୀ, ଏହି ବ୍ଲକ ଅଧୀନରେ ୧୧ ପୁରୁଣା ଓ ୫ ନୂଆ ସମବାୟ ସମିତିକୁ ମିଶା ମୋଟ ୧୬ ସମିତି ରହିଛି । ସମିତି ଅଧୀନରେ ମଣ୍ଡି ଖୋଲାଯାଇ ଧାନ କାରବାର କରାଯାଉଛି। ଚଳିତବର୍ଷ ଏଥି ସକାଶେ ସାଟେଲାଇଟ୍ ସର୍ଭେ କାର୍ଯ୍ୟ ସମ୍ପନ୍ନ ହୋଇସାରିଛି । ସର୍ଭେ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଥିବାରୁ ବହୁ ଚାଷୀ କ୍ଷେତରୁ ଧାନ ଫସଲ କାଟି ଅମଳ କରିସାରିଛନ୍ତି । ଫସଲ କଟା ହୋଇଯିବା ପରେ ସର୍ଭେ କରାଯାଉଥିବାରୁ ରିପୋର୍ଟରେ ନକରାତ୍ମକ ତଥ୍ୟ ଆସୁଛି। ଏହି ରିପୋର୍ଟକୁ ତର୍ଜମା କରିବା ପାଇଁ ସମିତିର କର୍ମଚାରୀମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଉଛି । ୨୦୨୩-୨୪ କୃଷି ବର୍ଷର ସାଟେଲାଇଟ୍ ସର୍ଭେକୁ ତର୍ଜମା କରାଯିବା ପରେ ବହୁ ଧାନକ୍ଷେତରେ ଫସଲ ନ ଥିବା କାରଣରୁ ନାକଚ ହୋଇଯାଇଥିଲା। ସର୍ଭେ ମୁତାବକ କମ୍ ଜମିରେ ଧାନଚାଷ ହୋଇଛି ବୋଲି ଦର୍ଶାଯିବାରୁ ବ୍ଲକକୁ କମ୍ ଟାର୍ଗେଟ ଆସିଥିଲା। ଏ ସବୁ କାରଣରୁ ଅଧିକାଂଶ ଚାଷୀ ମଣ୍ଡିରେ ଧାନ କାରବାର କରି ନ ପାରି ସରକାରୀ ସୁବିଧା ହାତେଇବାରୁ ବଞ୍ଚିତ ହୋଇଥିଲେ । ୨୦୨୪-୨୫ କୃଷିବର୍ଷରେ ସମାନ ସ୍ଥିତି ଉପୁଜିବା ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଚାଷୀମାନେ ମଣ୍ଡିକୁ ଭରଷା ନ କରି କ୍ଷେତରୁ ଧାନ କୁଇଣ୍ଟାଲ ପିଛା ୧୨ରୁ ୧୫ଶହ ଟଙ୍କାରେ ବିକ୍ରି କରିଦେଉଛନ୍ତି, ଯାହାକି ଧାନର ସହାୟକ ମୂଲ୍ୟଠାରୁ ଅଧା ଦାମ୍‌ରୁ କମ୍ ବୋଲି ଜଣାଯାଇଛି। ଏହାଛଡା ଚାଷୀମାନେ ଧାନ ଚାଷ ପରେ ରବି ଫସଲ ପାଇଁ କ୍ଷେତକୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଥାଆନ୍ତି। ଏଥିପାଇଁ ଚାଷୀମାନଙ୍କୁ ଅର୍ଥର ଆବଶ୍ୟକ ପଡିଥାଏ। ଧାନ ବିକ୍ରି କରି ଯେଉଁ ଅର୍ଥ ମିଳେ ତାକୁ ଚାଷୀ ଆଗାମୀ ଚାଷ ଓ ପରିବାରର ଆବଶ୍ୟକତା ପୂରଣ କରିବାରେ ଖର୍ଚ୍ଚ କରିଥାଏ। ଧାନ ମଣ୍ଡିକୁ ଅପେକ୍ଷା କରିଲେ ଚାଷୀମାନଙ୍କୁ ଏହି ସୁବିଧା ମିଳିପାରିବ ନାହିଁ ବୋଲି ଜାଣି ସେମାନେ ଧାନକୁ ଶାଗମାଛ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏଭଳି ସ୍ଥିତିରେ ସୁଧାର ଆଣିବାକୁ ହେଲେ ଠିକ୍ ସମୟରେ ସାଟେଲାଇଟ୍ ସର୍ଭେ କରାଯିବା ସହ ଧାନ କଟା ଯିବା ସମୟରେ ସମିତି ପକ୍ଷରୁ ଧାନ କିଣା ଯିବାର ବ୍ୟବସ୍ଥା କରାଗଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଚାଷୀମାନେ ମତ ରଖୁଛନ୍ତି । ସରକାରୀ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇ ନ ପାରିଲେ ଧାନର ସହାୟକ ମୂଲ୍ୟରେ ବୃଦ୍ଧି ଚାଷୀମାନଙ୍କ ପାଇଁ କେବଳ ଘୋଷଣାରେ ସୀମିତ ହୋଇଯିବ ବୋଲି ମତ ପ୍ରକାଶ ପାଇଛି। ଚାଷୀମାନେ ଲାଭବାନ ହେବାକୁ ହେଲେ ସରକାରୀ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇ ବ୍ଲକକୁ ୟୁନିଟ୍ ଭାବେ ଗ୍ରହଣ କରାଯାଇ ଫସଲ ଅମଳ ସମୟରେ ମଣ୍ଡି ଖୋଲିବାକୁ ଚାଷୀମାନେ ଦାବି କରିଛନ୍ତି।

## ପୋଲିସ ମୁଖ୍ୟାଳୟରେ ଶହୀଦ ସ୍ମୃତି ଦିବସ ପାଳିତ



ଶହୀଦଙ୍କୁ ଏସ୍‌ପି ଓ ଅନ୍ୟ ପୋଲିସ ଅଧିକାରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

ପାଣିକୋଇଲି, ୨୧।୧୦(ବିକାଶ କୁମାର ମଲିକ):

ପାଣିକୋଇଲିସ୍ଥିତ ଯାଜପୁର ଜିଲା ପୋଲିସ ମୁଖ୍ୟାଳୟରେ ସୋମବାର ୬୫ ତମ ଶହୀଦ ସ୍ମୃତି ଦିବସ ପାଳିତ ହୋଇଛି। ଏହି ଅବସରରେ ରିର୍ଜଭ ପୋଲିସ ପ୍ୟାରେଡ ଗ୍ରାଉଣ୍ଡରେ ଆୟୋଜିତ ଉତ୍ସବରେ ଶହୀଦ ସ୍ମୃତିପୀଠରେ ଅତିଥିମାନେ ମାଲ୍ୟାର୍ପଣ କରି ଶହୀଦଙ୍କ ସ୍ମୃତି ଚାରଣ କରିଥିଲେ । ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମଲ ଅତିଥିଭାବେ ଯୋଗଦେଇ ଶହୀଦ ସ୍ମୃତିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଆରକ୍ଷୀ ଅଧୀକ୍ଷକ ଅଗ୍ରୱାଲ ଶହୀଦ ଦିବସ ଅବସରରେ ପ୍ୟାରେଡ ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ଆଜିର ଦିନରେ ଶହୀଦମାନଙ୍କ ସ୍ମୃତି ଚାରଣ କରିବା ସହ ସେମାନଙ୍କ ସ୍ମୃତି ଆମ୍ଭମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ଶ୍ରୀମଲ ମତବ୍ୟକ୍ତ କରିଥିଲେ । ୧୯୬୦ରୁ ଶହୀଦ ସ୍ମୃତି ଦିବସ ପାଳନ କରାଯାଉଛି । ସାରା ଭାରତ ବର୍ଷରେ ବଳିଦାନ ଦେଇଥିବା ଶହୀଦଙ୍କ ନାମ ପଠନ, ସ୍ମରଣ ଏବଂ ସେମାନଙ୍କ ବଳିଦାନ ସମସ୍ତ ପାଇଁ ପ୍ରେରଣାର ଉତ୍ସ ବୋଲି ଶ୍ରୀମଲ କହିଥିଲେ । କାର୍ଯ୍ୟକ୍ରମକୁ ରିର୍ଜଭ ଇନ୍ସପେକ୍ଟର ଦିନେଶ ସାହୁ, ସରଜେଣ୍ଟ ଭାଗିରଥି ବେହେରା ପ୍ୟାରେଡ ପରିଚାଳନା କରିଥିବା ବେଳେ ଅତିରିକ୍ତ ଏସ୍‌ପି ଅନିରୁଦ୍ଧ ରାଉତରାୟ, ଶୀତକଣ୍ଠ କାନୁନଗୋ, ଶକ୍ତିକାନ୍ତ ନାୟକଙ୍କ ସମେତ ବିଭିନ୍ନ ଥାନାଧିକାରୀ ଯୋଗଦେଇଥିଲେ।

# ୨୩ରେ ତଳିଆ ଅଞ୍ଚଳ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ଅଣାଯିବ



ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

ଧର୍ମଶାଳା/କାଏମା୨୧।୧୦ (ବଟକୃଷ୍ଣ ପରିଡ଼ା/ ଶିବପ୍ରସାଦ ମହାନ୍ତି):

ସମ୍ଭାବ୍ୟ ବାତ୍ୟା 'ଦାନା'ମୁକାବିଲା ପାଇଁ ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି । ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ତହସିଲଦାର ଶୁଭଙ୍କର ମହାନ୍ତି, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ । ବାତ୍ୟାର ମୁକାବିଲା ପାଇଁ ଏହି ବ୍ଲକ କଣ୍ଟିଗଡିଆ, ଫାଜିଲପୁର, ଅଣ୍ଡିଆ,ହ୍ରହମପୁରସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି। ସେହିପରି ଅନେକ ସ୍କୁଲ ଗୃହରେ ଲୋକମାନଙ୍କ ଆଶ୍ରୟ ପାଇଁ ପ୍ରସ୍ତୁତ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳୀଗୁଡିକରେ ୨୩ ତାରିଖରେ ତଳିଆ ଅଞ୍ଚଳର ଲୋକମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୨୪ ତାରିଖରୁ ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିବା ଲୋକମାନଙ୍କୁ ରନ୍ଧାଖାଦ୍ୟ ଦିଆଯିବାର ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ଡାକ୍ତରଖାନାରେ ଆସନ୍ନ ପ୍ରସୂତି ମହିଳାମାନଙ୍କୁ ଆଣି ରଖିବା ସହ ସାପ କାମୁଡା ଇଞ୍ଜେକ୍ସନ ଓ ହାଲୋଜିନ ବଟିକା ବହୁ ପରିମାଣରେ ଗଚ୍ଛିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଶୁଖିଲା ଖାଦ୍ୟ ମହଜୁଦ କରି ରଖିବା ଲାଗି ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟରେ ସମସ୍ତ ସରକାରୀ ଅଫିସର ଓ କର୍ମଚାରୀମାନଙ୍କର ଛୁଟିକୁ ଜିଲାପାଳ ବାତିଲ କରିଛନ୍ତି । ସମ୍ଭାବ୍ୟ ବାତ୍ୟାକୁ ନେଇ ଭୟଭୀତ ନ ହେବାକୁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି । ତଳିଆ ଅଞ୍ଚଳରେ କଚା ଘରେ ରହୁଥିବା ଲୋକମାନଙ୍କୁ ସରକାରୀ ଅଶ୍ରୟସ୍ଥଳୀକୁ ପଳାଇ ଆସିବା ଲାଗି ବ୍ଲକ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ମଙ୍ଗଳବାରଠାରୁ ବ୍ଲକ ପ୍ରଶାସନ ପକ୍ଷରୁ ଏନେଇ ମାଇକ ଯୋଗେ ପ୍ରଚାର କରାଯାଇ ଲୋକମାନଙ୍କୁ ଅବଗତ କରାଯିବ ବୋଲି ବିଡିଓ ବଳ ସୂଚନା ଦେଇଛନ୍ତି ।

### ଯୁବ ଭାରତ କୃଷକ ସଂଘର ସେବା କେନ୍ଦ୍ର ଉଦ୍‌ଘାଟିତ

ଚଣ୍ଡିଖୋଲ,୨୧।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ କୁନ୍ଦଳଠାରେ ସୋମବାର ଯୁବ ଭାରତ କୃଷକ ସଂଘ ପକ୍ଷରୁ ଏକ କୃଷକ ସେବା କେନ୍ଦ୍ର ଉଦ୍‌ଘାଟନ ହୋଇ ଯାଇଛି। ସଂଘର ରାଜ୍ୟ ସଭାପତି ପ୍ରଭାକର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ କେନ୍ଦ୍ରକୁ ଉଦଘାଟନ କରି କହିଲେ କୃଷକ ସମାଜ ପାଇଁ ଏ କୃଷକ ସେବା କେନ୍ଦ୍ର ବତୀଖୁଣ୍ଟ ସଦୃଶ। କୃଷକମାନଙ୍କୁ ଅତ୍ୟାଧୁନିକ ଡିଜିଟାଲ ଓ ଇଣ୍ଟରନେଟ ସେବା ଯୋଗାଇବାରେ ଏ କେନ୍ଦ୍ର ବିଶେଷ ଭୂମିକା ନିର୍ବାହ କରିବ। ଅନ୍ୟମାନଙ୍କ ମଧ୍ୟରେ ସଂଘର ବ୍ଲକ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ସାହୁ,ପୂର୍ବତନ ସରପଞ୍ଚ ଗୋପାଳ ଚରଣ ରାଉତ, ସୁଶାନ୍ତ କୁମାର ସାମଲ, ଅନନ୍ତ ଦାସ, ଅହେନ୍ଦ୍ର କୁମାର ଦାସ, ନଗେନ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କେନ୍ଦ୍ରର ପରିଚାଳିକା ବନସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦୁଷ୍ମନ୍ତ କୁମାର ପଣ୍ଡା ଏଂ କୃଷକ ସେବା କେନ୍ଦ୍ର ପ୍ରଶିକ୍ଷକ ନାରାୟଣ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ପାକ୍ସ ଘେରିଲେ ଶତାଧିକ ଚାଷୀ




ଚାଷୀମାନେ ପାକ୍ସ ଅଫିସ ଘେରାଉ କରିଛନ୍ତି ।

ବିଞ୍ଝାରପୁର,୨୧।୧୦(ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଅଳକୁଣ୍ଡ ଗ୍ରାପ.ସ୍ଥିତ ନରହରିପୁର ପ୍ରାଥମିକ କୃଷି ସମବାୟ ସମିତିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ସୋମବାର ନରହରିପୁର ପାକ୍ସ କାର୍ଯ୍ୟାଳୟକୁ ଚାଷୀମାନେ ଘେରିଥିଲେ। କଟକ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ ବିଞ୍ଝାରପୁର ଶାଖା ଅଧୀନରେ ଥିବା ନରହରିପୁର ପାକ୍ସରେ ଋଣ ଅର୍ଥ ହଡପ, ବୀମା ଅର୍ଥରାଶି ହେରଫେର ହୋଇଥିବା ନେଇ ଅଭିଯୋଗ ହୋଇଆସୁଥିଲା । ଏହି ଘଟଣାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା । ଏହି ହେରଫେର ଘଟଣାର ତଦନ୍ତ କରିବା ପାଇଁ ସୋମବାର ପୂର୍ବାହ୍ନରେ ଶତାଧିକ ଚାଷୀ ଏକତ୍ରିତ ହୋଇ ନରହରିପୁର ପାକ୍ସ କାର୍ଯ୍ୟାଳୟ ଘେରାଉ କରିବା ସହିତ ସମିତିର ସମ୍ପାଦକ ନିହାର ରଞ୍ଜନ ପାତ୍ରଙ୍କ ସହିତ ଯୁକ୍ତିତର୍କ କରିଥିଲେ।ଏହି ଖବର ପାଇ ବିଞ୍ଝାରପୁର ସିସିବିର ଶାଖା ପରିଚାଳକ ନିହାରକାନ୍ତ ସ୍ୱାଇଁ, ସମବାୟ ସମିତିର ସଭାପତି ମନୋଜ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀମାନଙ୍କୁ ବୁଝାଶୁଝା କରିବା ସହିତ ସମସ୍ତ ଦାବୀ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ଦେଶମାତୃକା ପାଇଁ ଶହୀଦଙ୍କ ବୀରତ୍ୱ ଅତୁଳନୀୟ



ସଭାରେ ଉପସ୍ଥିତ ଅତିଥି ।

ବିଞ୍ଝାରପୁର,୨୧।୧୦(ରାମକୃଷ୍ଣ ଦାସ ):

ବିଞ୍ଝାରପୁର ଥାନା ପକ୍ଷରୁ ଶ୍ରୀବନ୍ତ ହାଇସ୍କୁଲ ପରିସରରେ ସୋମବାର ପୂର୍ବାହ୍ନରେ ଶହୀଦ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ବିଞ୍ଝାରପୁର ଥାନା ଅଧିକାରୀ ବାମଦେବ ନନ୍ଦ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥିରୂପେ ଶହୀଦଙ୍କ ଭାଇ କମଳାକାନ୍ତ ଶତପଥୀ,ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନଳନୀପ୍ରଭା ଦାସ ଯୋଗଦେଇଥିଲେ। ଏହି ସଭାର ଆରମ୍ଭରେ ମରଣୋତ୍ତର ଅଶୋକ ଚକ୍ର ପ୍ରାପ୍ତ ଶହୀଦ ପ୍ରମୋଦ ଶତପଥୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପରେ ଅତିଥିମାନେ ଶହୀଦ ପ୍ରମୋଦଙ୍କ ବୀରତ୍ୱ ସମ୍ପର୍କରେ ଆଲୋକପାତ କରିବା ସହିତ ଦେଶମାତୃକା ପାଇଁ ଶହୀଦଙ୍କ ବୀରତ୍ୱ ଅତୁଳନୀୟ, ସେଥିପାଇଁ ଜନମାନସରେ ଶହୀଦମାନେ ସର୍ବଦା ଚିର ସ୍ମରଣୀୟ ହୋଇ ରହିବେ ବୋଲି ଥାନାଧିକାରୀ ବାମଦେବ ନନ୍ଦ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶହୀଦ ପ୍ରମୋଦଙ୍କ ସହପାଠୀ ଇ.ସୁଶାନ୍ତ କୁମାର ମିଶ୍ର, ଅକ୍ଷୟ ବିଶ୍ୱାଳ, ହରିହର ସାହୁଙ୍କ ସମେତ ଥାନା କର୍ମକର୍ତ୍ତା, ଶ୍ରୀବନ୍ତ ହାଇସ୍କୁଲର ଶିକ୍ଷୟିତ୍ରୀ,ଶିକ୍ଷକମାନେ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

### ଛଟେଇ ଶ୍ରମିକ, କର୍ମଚାରୀଙ୍କ ଧାରଣା

କାଳିଆପାଣି,୨୧।୧୦(ଅସିତ ମହାନ୍ତ ):

ଯାଜପୁର ଜିଲାର ଟାଟା ଖଣି ଗେଟ୍ ସମ୍ମୁଖରେ ସୋମବାର ଖଣି ଖୋଲିବା ଓ ନିଯୁକ୍ତି ଦାବିରେ ଛଟେଇ ଶ୍ରମିକ ଓ କର୍ମଚାରୀମାନେ ଧାରଣା ଦେଇଥିଲେ। ଗତ ଜୁଲାଇରୁ ଟାଟା କମ୍ପାନୀର କ୍ରୋମଜୋନ ଅଞ୍ଚଳରେ ଥିବା ୩ ଖଣିରୁ ଉତ୍ତୋଳନ ବନ୍ଦ ରହିଛି । ଟାଟା କମ୍ପାନୀ ଓ କ୍ରୋମାଇଟ୍ ଉତ୍ତୋଳନ କରୁଥିବା କମ୍ପାନୀ DECO ମଧ୍ୟରେ ବୁଝାମଣା ଅଭାବରୁ ନିର୍ଦ୍ଧାରିତ ଚୁକ୍ତି ଅବଧି ସରିବା ପୂର୍ବରୁ ଜୁଲାଇ ୧ରୁ କାମ ବନ୍ଦ କରାଯାଇଥିଲା । ସେଦିନରୁ ଖଣିଗୁଡ଼ିକ ବନ୍ଦ ରହିଛି। ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ, ସରୁଆବିଲ ଓ କର୍ମଦା ଖଣି ଗେଟ୍ ଆଗରେ ଧାରଣା ଦିଆଯାଇଥିଲା। ଅପରାହ୍ନ ପ୍ରାୟ ୨ଟାରେ କମ୍ପାନୀର ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର, ଖଣି ପରିଚାଳକ ନବୀନ ଶ୍ରୀବାସ୍ତବ ସାରୁଆବିଲ ଖଣି ଗେଟ୍ ସମ୍ମୁଖରେ ପହଞ୍ଚି ଶ୍ରମିକଙ୍କ ନେତୃତ୍ୱ ନେଉଥିବା ଭରତ ମହାନ୍ତଙ୍କ ସହ ଆଲୋଚନା କରିଥିଲେ। ଠିକାଦାର ନିଯୁକ୍ତି ପରେ ଖଣି ଖୋଲିବାକୁ ନଭେମ୍ବର ମାସ ପର୍ଯ୍ୟନ୍ତ ସମୟ ନେଇଥିବା ସୂଚନା ମିଳିଛି । ଏନେଇ ପ୍ରମୋଦ କୁମାର କହିଛନ୍ତି, ଆମେ ଖଣି ଶୀଘ୍ର ଖୋଲିବାକୁ ଚେଷ୍ଟା କରୁଛୁ ।

# ବର୍ଷାପାଣି ନିଷ୍କାସନ ପାଇଁ ବ୍ୟବସ୍ଥା ନାହିଁ

### ନର୍ଦ୍ଦମା ପାଣିରେ କଲବଲ ହେଉଛି ଗ୍ରାମବାସୀଙ୍କ ଜୀବନ

କାଏମା,୨୧।୧୦(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼ କାଏମା ପଞ୍ଚାୟତ ଅରଖପଦା ଗ୍ରାମର ନଦୀବନ୍ଧ ପାର୍ଶ୍ୱରେ ଜମି ରହୁଥିବା ବର୍ଷା ପାଣି ପାଇଁ ନିଷ୍କାସନ ବ୍ୟବସ୍ଥା ନାହିଁ । ଫଳରେ ଜମି ରହିଥିବା ପାଣିରେ ଅଳିଆ,ଆବର୍ଜନା ପଡି ତାହା ନର୍ଦ୍ଦମାରେ ପରିଣତ ହୋଉଛି। ଏଥିପାଇଁ ସେଠାରେ ବାସ କରୁଥିବା ପରିବାର ସଦସ୍ୟାମାନେ ହଇରାଣ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ବଡ଼ କାଏମା ଗ୍ରାମ ପାର୍ଶ୍ୱରେ କେଲୁଅ ନଦୀ ପ୍ରବାହିତ ହେଉଛି । ଦୀର୍ଘଦିନ ପୂର୍ବେ କେଲୁଅ ନଦୀବନ୍ଧ ଗୋକନେଶ୍ୱରଠାରୁ ରମାପୁର ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କରାଯାଇଥିଲା। ସେହି ସମୟରେ ଠିକାଦାର ଚଞ୍ଚକତା କରି ନଦୀବନ୍ଧର ଉଭୟ ପାର୍ଶ୍ୱରୁ ମାଟି ତାଡି ଉକ୍ତ ବନ୍ଧ କାର୍ଯ୍ୟରେ ବ୍ୟବହାର କରିଥିଲେ । ଫଳରେ ଗ୍ରାମ ପାର୍ଶ୍ୱକୁ ଏକ କୃତ୍ରିମ ନାଳ ସୃଷ୍ଟି ହୋଇ ରହିଛି। ବର୍ଷା ଦିନେ ଏଥିରେ ପାଣି ଜମି ରହି ଧିରେ ଧିରେ ଗାଁ ମୁହାଁ ହୋଇଥିଲା। ସମୟ କ୍ରମେ ଗାଁରେ ବିଭିନ୍ନ ସ୍ଥାନରେ ଘର ନିର୍ମାଣ କରାଯାଇଥିଲା । ଗାଁର ବନ୍ଧ ପାର୍ଶ୍ୱରେ ପ୍ରଶାସନ ପକ୍ଷରୁ ଏକ ବସୁଧା ପାଣି ଟାଙ୍କି ପ୍ରତିଷ୍ଠା କରାଯାଇଥିଲା । ଫଳରେ ବର୍ଷା ପାଣି ନିଷ୍କାସନ ହେବା ବାଟ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ଯାଇଥିଲା । ପାଣି ଜମା ହୋଇ ରହିବା ଦ୍ୱାରା ମଶା ମାଛିଙ୍କ ଉପଦ୍ରବ୍ୟ ବଢ଼ିବା ସହ ସରୀସୃପମାନେ ଘରେ ପ୍ରବେଶ କରୁଥିବା ସ୍ଥାନୀୟ ମହିଳାମାନେ କହିଛନ୍ତି। କେତେଜଣ ଲୋକ ଗାଁର ଅଳିଆ ଆବର୍ଜନାକୁ ଜମି ରହିଥିବା ପାଣିରେ ପକାଉଥିବାରୁ ତାହା ନର୍ଦ୍ଦମାର ରୂପ ନେଉଛି। ବର୍ଷା ଅସରାଏ ହେଲେ ପାଣିସ୍ତର ବଢ଼ିବା ଦ୍ୱାରା ନିକଟରେ ଥିବା ପାଇଖାନା ଟାଙ୍କିରେ ତାହା ଭର୍ତ୍ତି ହୋଇଯାଉଛି । ଏଥିପାଇଁ ଶୌଚ ହେବା ପାଇଁ ଲୋକମାନଙ୍କୁ ହିନସ୍ଥା ହେବାକୁ ପଡୁଛି। ସେହିପରି ଏହି ଅଞ୍ଚଳର ଲୋକେ ବହୁଳ ଭାବେ ଖୋଲା କୂଅ ପାଣି ଉପରେ ନିର୍ଭର କରିଥାନ୍ତି । କିନ୍ତୁ ସେହି ନର୍ଦ୍ଦମା ନିକଟରେ ଥିବା କୂଅ ପାଣି ପ୍ରଦୂଷିତ ହେଉଛି। ଏହି ଖୋଲା କୂଅ ପାଣିରେ ଲୋକେ ବାସନ ମାଜିବା ଠାରୁ ଆରମ୍ଭ କରି ଗାଧୋଇବା ପର୍ଯ୍ୟନ୍ତ ବ୍ୟବହାର କରୁଥିବାରୁ ନାନା ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି । ଧର୍ମଶାଳା ବ୍ଲକରେ ଆୟୋଜିତ ଅଭିଯୋଗ ଶୁଣାଣି ଶିବିରରେ ଏ ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରାଯାଇଥିଲା । ହେଲେ ଆଜି ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା କରାଯାଇନାହିଁ। ଜିଲା ପ୍ରଶାସନ ଏ ସଂକ୍ରାନ୍ତରେ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି ।



ନର୍ଦ୍ଦମା ନିକଟରେ ଥିବା ଏକ କୂଅ ପାଖରେ ଜଣେ ମହିଳା ବାସନ ମାଜୁଛନ୍ତି ।

# ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍‌କୁ ଠିକ୍ ଭାବେ କାର୍ଯ୍ୟକ୍ଷମ କର

**ଜଗତ୍‌ସିଂହପୁର, ୨୧।୧୦ (ପ୍ରମୋଦ କୁମାର ନାୟକ)**

ପୂର୍ବ-ମଧ୍ୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପଶ୍ଚିମରୁ ଉତ୍ତର ପଶ୍ଚିମ ଦିଗରେ ଗତି କରି ୨୨ ତାରିଖ ସୁଦ୍ଧା ବାତ୍ୟାର ରୂପ ନେଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଜଗତ୍‌ସିଂହପୁର ଜିଲାରେ ବଜ୍ରପାତ ଓ ବିଜୁଳି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ୧୩୫ କି .ମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ ଭିସି ହଲ୍‌ରେ ଜିଲା ପ୍ରଶାସନ ପକ୍ଷରୁ ଆଭାସୀ ମାଧ୍ୟମରେ ଏକ ଜରୁରିକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ଜେ. ସୋନାଲ ଜିଲାରେ ସମ୍ଭାବ୍ୟ ବାତ୍ୟା 'ଦାନା'ର ସ୍ଥିତିକୁ ଦୃଷ୍ଟିରେ ରଖି ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲାର ବିଭିନ୍ନ କାର୍ଯ୍ୟାଳୟଗୁଡ଼ିକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଠିକ୍ ଭାବେ କାର୍ଯ୍ୟକ୍ଷମ କରିବା, ଅତ୍ୟଧିକ ବର୍ଷା ଯୋଗୁ ବନ୍ୟାଜଳ ଅବାଧରେ ପ୍ରବାହିତ



ବୈଠକରେ ଜିଲାପାଳ ଜେ. ସୋନାଲ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

**ସମ୍ଭାବ୍ୟ ବାତ୍ୟା 'ଦାନା' ପାଇଁ ଜଗତ୍‌ସିଂହପୁର ଜିଲାରେ ପ୍ରସ୍ତୁତି**

ହେବା ପାଇଁ ଡ୍ରେନ୍‌ଗୁଡ଼ିକୁ ସଫା କରିବା, ଦୁର୍ବିପାକ ସମୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତ କରିବା, ନଳକୂପଗୁଡ଼ିକର ମରାମତି କରିବା, ଦୁର୍ଗମ ତଥା ପ୍ରଭାବିତ ଅଞ୍ଚଳରେ ଖାଦ୍ୟପଦାର୍ଥ ମହଜୁଦ ରଖିବା, ଶୁଖିଲା ଖାଦ୍ୟ ରଖିବା, ଖାଦ୍ୟ ଯୋଗାଣ ନିମନ୍ତେ ବ୍ୟାପକ ଗାଡ଼ିର ବ୍ୟବସ୍ଥା କରିବା, ଓଡ୍ରାଫ୍ ଟିମ, କୋଷ୍ଟଗାର୍ଡ, ମେରାଇନ୍ ପୋଲିସ, ଅଗ୍ନିଶମ ବିଭାଗ ସତର୍କ ରହିବା, କ୍ଷତିଗ୍ରସ୍ତ ହେବାକୁଥିବା ଫସଲ ଆଦିର ଆକଳନ କରିବା, ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେବା, ଗୋଖାଦ୍ୟ ଯୋଗାଣ ଓ ଗୋରୁ ଆଦିଙ୍କୁ ଉଚ୍ଚ ଜାଗାକୁ ସ୍ଥାନାନ୍ତର କରିବା, ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ଜିଲାରେ ଥିବା ୪୫ ବାତ୍ୟା ଆଶ୍ରୟ ସ୍ଥଳ ତଥା ୨୨୪ଟି ଅନ୍ୟ ଆଶ୍ରୟ ସ୍ଥଳରେ ଆବଶ୍ୟକ ସାଧନ ବ୍ୟବସ୍ଥା କରିବା, ଜରୁରି ପରିସ୍ଥିତିରେ ପ୍ରଭାବିତ ଲୋକଙ୍କୁ ସ୍ଥାନାନ୍ତର କରିବା, ବିଶେଷ କରି ଗର୍ଭବତୀ ମହିଳାଙ୍କୁ ନିରାପଦ ଭାବେ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରିବା, ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆବଶ୍ୟକ ଔଷଧ ମହଜୁଦ ରଖିବା, ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ସତର୍କ କରାଇବା ଆଦି ବିଷୟରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ବାଲିକୁଦା, କୁଜଙ୍ଗ, ଏରସମା, ନାଉଗାଁ ବ୍ଲକରେ ବାତ୍ୟା ଆଶଙ୍କା ଥିବାରୁ ବିଡିଓ ଏବଂ ତହସିଲଦାରମାନଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ସହରାଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ଟ୍ରାଫିକ ସମସ୍ୟାର ସମାଧାନ, ଅତ୍ୟାବଶ୍ୟକ ସେବା ଯଥା ବିଦ୍ୟୁତ୍, ଟେଲିଫୋନ, ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣକୁ ସୁବ୍ୟବସ୍ଥିତ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ବ୍ଲକଗୁଡ଼ିକରେ ସ୍ଥାନୀୟ ଆଇଆଇସି, କନିଷ୍ଠ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ କମିଟି ଗଠନ କରିବା ସହ ପରିସ୍ଥିତିର ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶେଷରେ 'ନୋ ଲାଇଫ୍ ଲସ୍' ର ଲକ୍ଷ୍ୟ ସହ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆସନ୍ତା ୨୨ରୁ ୨୫ ପର୍ଯ୍ୟନ୍ତ ସତର୍କ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଏସ୍‌ପି ଭବାନୀଶଙ୍କର ଉଦ୍‌ଗାତା, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲାପାଳ ପାରାଦୀପ ନିରଞ୍ଜନ ବେହେରା, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଡେପୁଟି କଲେକ୍ଟର ଜରୁରୀ ବିଭାଗ ସନ୍ଧ୍ୟାଞ୍ଜଳି ମାଝି , ସମସ୍ତ ବ୍ଲକର ବିଡିଓ, ତହସିଲଦାର, ପୌର ନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# 'ବନ୍ଧୁ ପରି ସେବା ମନୋଭାବ ରଖୁ ପୋଲିସ'



ଶହୀଦ ସ୍ମୃତି ସ୍ତମ୍ଭରେ ପୋଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

**ଜଗତସିଂହପୁର, ୨୧।୧୦ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ସଦର ମହକୁମା ବାରଙ୍ଗସ୍ଥିତ ରିଜର୍ଭ ପୋଲିସ ପଡ଼ିଆ ପରିସରରେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ୬୫ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଏସ୍‌ପି ଭବାନୀଶଙ୍କର ଉଦ୍‌ଗାତା ଯୋଗଦେଇ ଶହୀଦ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଜିଲା ପୋଲିସ ପକ୍ଷରୁ ଏକ ପରେଡ ଅନୁଷ୍ଠିତ ହୋଇଥିଲା। କର୍ତ୍ତବ୍ୟ ପଥରେ କର୍ମ କଲାବେଳେ ପୋଲିସ କର୍ମଚାରୀମାନେ ପ୍ରାଣର ଆହୁତି ଦେଉଛନ୍ତି। ଆମେ ତାଙ୍କଠାରୁ ପ୍ରେରଣା ପାଉଛୁ। ପୋଲିସ ବିଶେଷକରି ଲୋକମାନଙ୍କ ବନ୍ଧୁ ପରି ସେବା ମନୋଭାବ ନେଇ କାମ କରିବାକୁ ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ଏସ୍‌ପି ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜଗତ୍‌ସିଂହପୁର ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ପଣ୍ଡା, ଜଗତ୍‌ସିଂହପୁର ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ବାର୍ଦ୍ଧକ୍ୟ, ବିଧବା ଭତ୍ତା ବଣ୍ଟନ ପାଇଁ ସମିତିସଭ୍ୟ ସଂଘର ଦାବି

**ନାଉଗାଁ, ୨୧।୧୦ (ସୁଧା ବେହୁରା)**

ନାଉଗାଁ ବ୍ଲକରେ ନୂତନ ଭାବେ ଅନୁମୋଦନ ହୋଇଥିବା ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ବଣ୍ଟନ ପାଇଁ ସମିତି ସଭ୍ୟାସଭ୍ୟ ସଂଘଙ୍କ ପକ୍ଷରୁ ଦାବି କରାଯାଇଛି। ଏନେଇ ସୋମବାର ବିଡିଓଙ୍କୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ଅଭିଯୋଗ ମୁତାବକ, ୨୦୨୪ ଆର୍ଥିକ ବର୍ଷରେ ୯୬ଟି ଭତ୍ତା ଅନୁମୋଦନ କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଉକ୍ତ ଭତ୍ତାକୁ ବଣ୍ଟନ କରାଯାଉ। ଯଦି ଭତ୍ତା ବଣ୍ଟନ କରା ନ ଯାଏ ଏବଂ କୌଣସି କାରଣବଶତଃ ଅନୁମୋଦନ ହୋଇଥିବା ଭତ୍ତା ଆବେଦନକାରୀଙ୍କ ମୃତ୍ୟୁ ଘଟେ ସେଥିପାଇଁ ବ୍ଲକ ପ୍ରଶାସନ ଦାୟୀ ରହିବ ବୋଲି ସେଥିରେ ଦର୍ଶାଯାଇଛି। ସଂଘ ସଭାପତି ତରୁଣ କାନ୍ତ ବାରିକ,ଚନ୍ଦନ କୁମାର ଲେଙ୍କା ଏହି ଦାବିପତ୍ର ବିଡିଓ ତପନ ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି। ଏହାର ନକଲ କପି ଜିଲାପାଳ, ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ କାର୍ଯ୍ୟାଳୟ ଜଗତ୍‌ସିଂହପୁରଙ୍କ ଅବଗତି ନିମନ୍ତେ ପଠାଯାଇଛି। ଏବିଷୟରେ ବିଡିଓ ମହାପାତ୍ରଙ୍କୁ ପଚାରିବାରେ, କ'ଣ ହୋଇଛି ଦେଖିବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଯୁଗ୍ମ ଜନ ଶୁଣାଣି ଶିବିରରେ ୮୨ ଅଭିଯୋଗ

**ଜଗତ୍‌ସିଂହପୁର, ୨୧।୧୦ (ପ୍ରମୋଦ କୁମାର ନାୟକ)**

**୬ ଅଭିଯୋଗର ତତ୍କାଳ ଫଇସଲା**

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ୍ ୮୨ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ୭୭, ଗୋଷ୍ଠୀଗତ ତଥା ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୫ ଅଭିଯୋଗର ଶୁଣାଣି ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗମଧ୍ୟରୁ ରାସନ କାର୍ଡ ପାଇଁ ୧୫ , ଆବାସ ଯୋଜନା ୧୨, ଜମିଜମା ସମସ୍ୟା ୧୦, ପେନ୍‌ସନ ପାଇଁ ୬, ପୋଲିସ ସହାୟତା ପାଇଁ ୪ ଏବଂ ଅନ୍ୟାନ୍ୟ ୨୦ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଶୁଣାଣି ଶିବିରରେ ଏସ୍‌ପି ଭବାନୀଶଙ୍କର ଉଦ୍‌ଗାତା, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗତସିଂହପୁର ଆଶୁତୋଷ ମିଶ୍ରଙ୍କ ସମେତ ଜିଲା, କ୍ଷେତ୍ରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୩୪୦ ଏକର ପାଚିଲା ଧାନଫସଲ ନଷ୍ଟ ଆଶଙ୍କା

**ନାଉଗାଁ, ୨୧।୧୦ (ସୁଧା ବେହୁରା)**

**ସମ୍ଭାବ୍ୟ ବାତ୍ୟା, ଚିନ୍ତାରେ ଚାଷୀ**

ସମ୍ଭାବ୍ୟ ବାତ୍ୟା ଓଡ଼ିଶା ଉପକୂଳ ଛୁଇଁପାରେ ବୋଲି ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରୁଥିବାବେଳେ ଉପକୂଳ ଓଡିଶାରେ ପ୍ରବାଳ ବର୍ଷା ହେବାର ଆଶଙ୍କା ରହିଛି। ଏନେଇ ନାଉଗାଁ ବ୍ଲକରେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ବ୍ଲକରେ ସମୁଦାୟ ୭ ହଜାର ହେକ୍ଟର ଚାଷ ଜମିରେ ଶାରଦ ଓ ଲଘୁଜାତୀୟ ଧାନ ଚାଷ କରାଯାଇଛି। କୃଷି କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ,ବ୍ଲକରେ ୩୪୦ ଏକର ଜମିରେ ଲଘୁଜାତୀୟ ଧାନ ଚାଷ କରାଯାଇଛି। ଓଷକଣା ଶିଖର ଗଳଧାରୀ, କୋରୁଅ, ଡେରିକି ଆଦି ପଞ୍ଚାୟତରେ ଏହି ଚାଷ କରାଯାଇଛି। ଉକ୍ତ ଲଘୁ ଜାତୀୟ ଧାନ ପାଖାପାଖି ଶତକଡା ୯୦ ଭାଗ ପାଚିଯାଇଛି। ଏହି ଲଘୁଜାତୀୟ ଧାନ ଅକ୍ଟୋବରରେ ହିଁ ଅମଳ କରାଯାଇଥାଏ। ଚାଷୀମାନେ ଧାନ ଅମଳ କରିବାକୁ ବସିଥିବା ବେଳେ ସମ୍ଭାବ୍ୟ ବାତ୍ୟାରେ ଯଦି ପ୍ରବଳ ବର୍ଷା ହୁଏ ତେବେ ତେବେ ପାଚିଲା ଧାନ ନଷ୍ଟ ହେବା ଆଶଙ୍କା ଥିବାରୁ ଚାଷୀମାନେ ତରବରିଆ ହୋଇ ଅଧା ପାଚିଲା ଧାନ କାଟୁଛନ୍ତି। ସେହିପରି ତିରୁଣା, ଜାମୁଗାଁ, ଡାବର ଆଦି ପଞ୍ଚାୟତରେ ଶାରଦ ଧାନ ଚାଷ ହୋଇଥିବା ବେଳେ ଧାନଥୋଡ ବାହାରିବା ଉପରେ ରହିଛି। ଏସବୁ ପଞ୍ଚାୟତରେ ଧାନ ଥୋଡ ବାହାରିବା ସମୟରେ ହିଁ ରବି ଚାଷ ପାଇଁ ବିହନ ପକାଯାଇଥାଏ। ତେଣୁ ଅଧିକାଂଶ ଚାଷୀ ବିରି, ମୁଗ ଆଦି ବୁଣାବୁଣି କରିସାରିଛନ୍ତି। ଯଦି ବର୍ଷା ହୁଏ ତେବେ ରବି ଫସଲ ମଧ୍ୟ ନଷ୍ଟ ହେବାର ସମ୍ଭାବନା ରହିଛି। ଏବିଷୟରେ ନାଉଗାଁ ବ୍ଲକ କୃଷି ଅଧିକାରୀ ଅଗ୍ନିପଣ୍ଡାଙ୍କୁ ପଚାରିବାରେ ଲଘୁ ଜାତୀୟ ଧାନ ପ୍ରାୟ ପାଚିଗଲାଣି। ଅତ୍ୟଧିକ ବର୍ଷା ହେଲେ ପାଚିଲା ଧାନ ପାଣିରେ ପଡି ରହିଲେ ଗଜା ହେବାର ସମ୍ଭାବନା ରହିଛି ବୋଲି କହିଛନ୍ତି।



ଜଣେ ଚାଷୀ ଧାନ ଫସଲ କାଟୁଛନ୍ତି।

# ମିଳିତ ଅଭିଯୋଗ ଶୁଣାଣି ଶିବିରରେ ୫୭ ଅଭିଯୋଗ

**୧୧ ସାମୂହିକ, ୪୬ ବ୍ୟକ୍ତିଗତ ଅଭିଯୋଗ**



ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ ।

**ପାଟକୁରା, ୨୧।୧୦ (ରବୀନ୍ଦ୍ର ନାଥ ବାରିକ)**

କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଗରଦପୁର ବ୍ଲକ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଓ ଏସ୍‌ପି ଉଭୟ ଅନୁପସ୍ଥିତି ରହିବାରୁ ଏଡିଏମ୍ ନୀଲୁ ମହାପାତ୍ର, ଅତରିକ୍ତ ଏସ୍‌ପି ଦେବାଶିଷ ଧଳ, ଉପଜଲାପାଳ ରବୀନ୍ଦ୍ର ପ୍ରଧାନ, ଡେପୁଟି ଜିଲାପାଳ ପଲ୍ଲଭୀ ପ୍ରିୟଦର୍ଶିନୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ର, ଅବକାରୀ ଏସ୍‌ପି ବିପ୍ରଚରଣ ମଣ୍ଡଳ, ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ତହସିଲଦାର ତୃପ୍ତି ମହାନ୍ତି ପ୍ରମୁଖ ଅଭିଯୋଗଗୁଡିକର ଶୁଣାଣିକରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ମୋଟ ୫୭ଟି ଅଭିଯୋଗ ହୋଇଥିବା ବେଳେ ୧୧ଟି ସାମୂହିକ ଥିବା ବେଳେ ୪୬ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା।

ଶ୍ରୀଚନ୍ଦନପୁର ଭଗବାନ ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ପ୍ରମିଳା ଦାସ ୨୦୧୯ରେ ଅବସର ନେଇଥିଲେ ସୁଦ୍ଧା ତାଙ୍କର ବକେୟା ବର୍ଦ୍ଧିତ ମହଙ୍ଗା ଭତ୍ତା ଆଜି ପର୍ଯ୍ୟନ୍ତ ପାଇଁ ନ ଥିବା ତାଙ୍କ ସ୍ୱାମୀ ଅରକ୍ଷିତ ବେହେରା ଅଭିଯୋଗ କରିଥିଲେ। ଏ ବାବଦରେ ତୁରନ୍ତ ପଦକ୍ଷେପ ନେବାକୁ ଏଡିଏମ୍ ସେଠାରେ ଉପସ୍ଥିତ ଥିବା ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ସୁରମା ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ପଣ୍ଡିଆ ଗ୍ରାମର ଅଞ୍ଜନା ଦାସ, ମାଣିକପୁରର ମୁନାଲିସା ଗ୍ରହାଚାର୍ଯ୍ୟ, ଅର୍ଜୁନପୁରର ରାଜେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଆବେଦନ କରିଥିଲେ। ବାର୍ଦ୍ଧ୍ୟକ ଭତ୍ତା ପାଇଁ କଳାବୁଦାର ସଞ୍ଜୁବାଳା ଶତପଥୀ, ତହସିଲରୁ ନେଟ୍ ପଟ୍ଟା ପାଇବା ପାଇଁ ହରିଦାସପୁର ରେବତୀ ଦାସ, ବ୍ରେନ୍ ଟ୍ୟୁମର ଯୋଗୁ ଘରେ ଭତ୍ତା ଟଙ୍କା ଦେବାକୁ ସମସରା ଗାଁର ଘନଶ୍ୟାମ ରାଉତ, ଘରପୋଡ଼ି ଯାଇଥିବାରୁ ଘର ପାଇଁ ସମସରା ଗ୍ରାମର ସଞ୍ଜୟ ଦାସ ପ୍ରମୁଖ ଆବେଦନ କରିଥିଲେ। ଘରବାଡ଼ି ସୀମା ନିର୍ଦ୍ଧାରଣ ପାଇଁ ତହସିଲ ଶୁଣୁ ନ ଥିବା ପୁରୁଣା ଗୋପୀନାଥପୁର ଗ୍ରାମର ସ୍ନେହଲତା ଦାସ ପ୍ରମୁଖ ଆବେଦନ କରିଥିଲେ। ରାସ୍ତାକଡ଼ ଜମିରେ ମଦ୍ୟପମାନେ ମଦ ପାନ କରି କାଚ ବୋତଲଗୁଡିକ ଫୋପାଡ଼ିଥିବାରୁ ଚାଷୀମାନେ ହଇରାଣ ହେଉଥିବା ମଦନା ଗ୍ରାମର ଶିଶିର ପରିଡ଼ା ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ଅଜୟ ସେଠୀ, ବ୍ଲକ୍ କୃଷି ଅଧିକାରୀ ଡ. ଗୌତମ ଦାସ, ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନିରଞ୍ଜନ କର, ବ୍ଲକ ସହକାରୀ ଯନ୍ତ୍ରୀ ଦେବସ୍ମିତା ଧଳ, ଉନ୍ନୟନ ସହାୟକ ଚୈତନ୍ୟ ବିଶ୍ୱାଳଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଶିବିରରେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବାତ୍ୟା ଆଶ୍ରୟସ୍ଥଳ ନିରୀକ୍ଷଣ କଲେ ବିଡିଓ

**କୁଜଙ୍ଗ, ୨୧।୧୦ (ମନୋଜ ପ୍ରଧାନ)**

ସମ୍ଭାବ୍ୟ ବାତ୍ୟା 'ଦାନା'କୁ ନେଇ ଜଗତ୍‌ସିଂହପୁର ଜିଲାର ସମୁଦ୍ର ଉପକୂଳବର୍ତ୍ତୀ କୁଜଙ୍ଗ ଓ ଏରସମା ବ୍ଲକର ଜନସାଧାରଣ ଆତଙ୍କିତ ହୋଇପଡ଼ିଛନ୍ତି। ବିଶେଷ କରି ୧୯୯୯ ମହାବାତ୍ୟାର ତାଣ୍ଡବର ମାନସ ପଟରେ ଅଭୁଲା ହୋଇ ରହିଥିବାରୁ ସମ୍ଭାବ୍ୟ ବାତ୍ୟାକୁ ନେଇ ଜନସାଧାରଣ ଚିନ୍ତିତ ହୋଇପଡ଼ିଛନ୍ତି। ଏନେଇ ପ୍ରଶାସନ ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସୋମବାର କୁଜଙ୍ଗ ବ୍ଲକରେ ଥିବା ୧୦ ବାତ୍ୟା ଆଶ୍ରୟସ୍ଥଳ ଓ ୪ ବନ୍ୟା ଆଶ୍ରୟସ୍ଥଳକୁ ଯାଇ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ବୁଲି ଦେଖିବା ସହ ସୁବିଧା ଅସୁବିଧା ତଦାରଖ କରିଛନ୍ତି। ବାତ୍ୟା ଆଶ୍ରୟ ସ୍ଥଳରେ ଯେପରି ଆଲୋକ ଓ ପାଇଖାନା ବ୍ୟବସ୍ଥା ଠିକ୍ ରହିବ ସେଥିନିମନ୍ତେ ସଜାଗ ରହିବାକୁ ସମ୍ପାଦକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଯେଉଁଠି ବାତ୍ୟା ଆଶ୍ରୟସ୍ଥଳ ନାହିଁ ସେଠାରେ ସ୍କୁଲ ଗୃହରେ ଜନସାଧାରଣଙ୍କୁ ରଖିବା ପାଇଁ ଜିଲା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଚୁଡ଼ା ଓ କିରୋସିନ ମହଜୁଦ ରଖିବା ପାଇଁ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ବର୍ଷା ସମୟରେ ବିଜୁଳି ସରବରାହ ଯେପରି ବ୍ୟାହତ ନ ହୁଏ ସେଥିପାଇଁ ଟିପିସିଓଡିଏଲକୁ ଜିଲା ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଛି।

# ସମ୍ଭାବ୍ୟ ବାତ୍ୟା ମୁକାବିଲା: ପ୍ରତି ପଞ୍ଚାୟତରେ ୩ ଜଣିଆ ଟିମ୍ ଗଠନ

**ରଘୁନାଥପୁର/ନାଉଗାଁ, ୨୧।୧୦ (ରାଜେନ୍ଦ୍ର ନାରାୟଣ ସିଂହ/ ସୁଧା ବେହୁରା)**

ଜଗତ୍‌ସିଂହପୁର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରଘୁନାଥପୁର ବ୍ଲକ ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ବାତ୍ୟା ମୁକାବିଲା ନେଇ ଏକ ଜରୁରି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ନମିତା ବାରିକ ଓ ତହସିଲଦାର ଅଭିପ୍ସା ପଟ୍ଟନାୟକ, ଏବିଡିଓ ଜ୍ଞାନଦା ନାୟକ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଏସ୍‌ଡିଓ ରବୀନ୍ଦ୍ର କୁମାର ସେଠୀ, ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ କର୍ମଚାରୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରସ୍ତୁତ ରଖିବାକୁ ବିଡିଓ ବାରିକ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକସ୍ଥଳେ ଲୋକଙ୍କୁ ଉଚ୍ଚ ତଥା ପକ୍କା ଘରକୁ ସ୍ଥାନାନ୍ତର କରାଯିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବ୍ଲକ, ପଞ୍ଚାୟତ ଓ ଅଙ୍ଗନୱାଡି କର୍ମୀଙ୍କୁ ନେଇ ୩ ଜଣିଆ ଟିମ୍ ଗଠନ କରାଯାଇଥିଲା। ଗର୍ଭବତୀଙ୍କୁ ବାତ୍ୟାର ଯଥେଷ୍ଟ ପୂର୍ବରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ବିଡିଓ ବାରିକ ଓ ତହସିଲଦାର ପଟ୍ଟନାୟକ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଭାବେ ବ୍ୟବହୃତ ୩୦ କେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ତପନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବ୍ଲକ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ଦେବେନ୍ଦ୍ର ପ୍ରଧାନ, ସମସ୍ତ ପଞ୍ଚାୟତ ଅଧିକାରୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏଥିରେ ଉପସ୍ଥିତ ଥିଲେ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ ୧୫ ଅସ୍ଥାୟୀ ଓ ଗୋଟିଏ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଅସୁରକ୍ଷିତ ଅବସ୍ଥାରେ ଥିବା ଜନସାଧାରଣଙ୍କୁ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି।



ରଘୁନାଥପୁରଠାରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ।

# ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲର ଉନ୍ନତୀକରଣ ହେଉ

**ଜଗତ୍‌ସିଂହପୁର, ୨୧।୧୦ (ପ୍ରମୋଦ କୁମାର ନାୟକ)**

**ଜିଲା ବିକାଶ ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ**

- ଜିଲା ମୁଖ୍ୟାଳୟରେ ସାରଳା ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ
- ଜିଲା ଲାଇବ୍ରେରି ସମେତ ଏସ୍.କେ. ଏକାଡେମୀ ଖେଳ ପଡ଼ିଆ ଚାରିପଟେ ପାଚେରି ପାଇଁ ଅନୁଦାନ ଦାବି

ଓଡ଼ିଆ ମହାଭାରତର ରଚୟିତା ହେଉଛନ୍ତି ଆଦିକବି ସାରଳା ଦାସ। ଜଗତ୍‌ସିଂହପୁର ଜିଲାରେ ଜନ୍ମିତ ଏହି ମହାପୁରୁଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜିଲା ମୁଖ୍ୟାଳୟରେ ଏ ପର୍ଯ୍ୟନ୍ତ ଗୋଟିଏ ବି ପ୍ରତିମୂର୍ତ୍ତି ସ୍ଥାପନ ହୋଇ ପାରିନାହିଁ। ଜଗତ୍‌ସିଂହପୁର ସହରରେ ଏହି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। କେବଳ ଏତିକି ନୁହେଁ, ଜିଲା ବିଶେଷକରି ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ବିଧାୟକ ପଦକ୍ଷେପ ନେଇଛନ୍ତି। ସେ ଏ ସମ୍ପର୍କରେ ଏକାଧିକ ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କଠାରୁ ଆବଶ୍ୟକ ପରିମାଣର ଅନୁଦାନ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

ପୂର୍ବ ସରକାର ସମୟରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଏକ ଜିଲା ପାଠାଗାର ନିର୍ମାଣ କାମ ଆରମ୍ଭ ହୋଇଥିଲା। କିନ୍ତୁ ଅନୁଦାନ ଅଭାବରୁ ଏହା ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ତେଣୁ ଏହାକୁ ପୂର୍ଣ୍ଣସହ ସୁନ୍ଦର କରିବାକୁ ହେଲେ ପାଣ୍ଠି ଯୋଗାଇ ଦେବାକୁ ବିଧାୟକ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଶ୍ରୀକୃଷ୍ଣ (ଏସ୍.କେ.) ଏକାଡେମୀ ଜଗତ୍‌ସିଂହପୁର ଜିଲାର ଏକ ପୁରୁଣା ତଥା ସୁନାମଧନ୍ୟ ଶିକ୍ଷାନୁଷ୍ଠାନ। ଏହି ଉଚ୍ଚ ବିଦ୍ୟାଳୟ ଦୀର୍ଘ ୮୯ ବର୍ଷ ମଧ୍ୟରେ ଅନେକ ପ୍ରତିଭା ସୃଷ୍ଟି କରିଛି। ଯେଉଁମାନେ କେବଳ ଜିଲା କି ରାଜ୍ୟ ନୁହେଁ, ଦେଶ ଏପରି କି ବିଦେଶରେ ମଧ୍ୟ ସୁନାମ ଆଣି ପାରିଛନ୍ତି। କିନ୍ତୁ ଦୁଃଖର କଥା ହେଲା ଏହି ଶିକ୍ଷାନୁଷ୍ଠାନ ପାର୍ଶ୍ୱରେ ରହିଥିବା ଖେଳ ପଡିଆ ଚାରିପଟେ ଏ ପର୍ଯ୍ୟନ୍ତ ପାଚେରି ନିର୍ମାଣ ହୋଇପାରିନାହିଁ। ଯେଉଁ କାରଣରୁ ପଡ଼ିଆଟି ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ଉଦ୍ଦେଶ୍ୟରେ ବିନିଯୋଗ ପରିବର୍ତ୍ତେ ଦୁରୁପଯୋଗ କରାଯାଉଛି। ଏହାର ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଏହି ପ୍ରସଙ୍ଗକୁ ବିଧାୟକ ଦାସ ଗୁରୁତର ସହ ନେଇଛନ୍ତି। ସେ ଏ ସମ୍ପର୍କରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକ ପରିମାଣର ଅନୁଦାନ ଯୋଗାଇ ଦେବାକୁ ଚିଠି କରିଛନ୍ତି। ସେ ଏହି ଚିଠିରେ ଏକଥା ମଧ୍ୟ ଲେଖିଛନ୍ତି, ପାଚେରି ନିର୍ମାଣ ହୋଇଗଲେ କେବଳ ବିଦ୍ୟାଳୟ ପଡ଼ିଆ ସୁରକ୍ଷିତ ନୁହେଁ ପିଲାମାନଙ୍କୁ ଖେଳ, କୁଦ କରିବା ପାଇଁ ଭରପୂର ସୁଯୋଗ ମିଳିବ। ଜାତୀୟ କବି ବୀରକିଶୋରଙ୍କୁ ନେଇ ଜଗତ୍‌ସିଂହପୁରବାସୀ ଗର୍ବ ଅନୁଭବ କରନ୍ତି। କାରଣ ଏକଦା ବୀରକିଶୋର ଦାସଙ୍କ କଲମ ମୁନରୁ ନିଃସୃତ କ୍ରାନ୍ତିକାରୀ ସଙ୍ଗୀତ ଜନ ଜାଗରଣ ସୃଷ୍ଟି କରୁଥିଲା। ସ୍ୱାଧୀନତା ଆନ୍ଦୋଳନରେ ତାଙ୍କ ଅବଦାନ ଅତୁଳନୀୟ। ଯେଉଁ କାରଣରୁ ସେ ସବୁବେଳେ ନମସ୍ୟ। ତେଣୁ ସ୍ଥାନୀୟ ପୁନଙ୍ଗସ୍ଥିତ ବୀରକିଶୋର ଦାସ ପାର୍କର ଉନ୍ନତୀକରଣ ସାଙ୍ଗକୁ ତାଙ୍କ ଜନ୍ମ ସ୍ଥାନରେ ଥିବା ପ୍ରତିମୂର୍ତ୍ତିର ପୁନରୁଦ୍ଧାର କରାଯାଉ। ଏହା ହୋଇପାରିଲେ ପରବର୍ତ୍ତୀ ପିଢ଼ି ଜଗତ୍‌ସିଂହପୁର ତଥା ରାଜ୍ୟ ପାଇଁ ଥିବା ତାଙ୍କ ଅବଦାନ କଥା ମନେରଖିପାରିବେ ବୋଲି ଉଲ୍ଲେଖ କରି ବିଧାୟକ ଦାସ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କୁ ଚିଠି କରିଛନ୍ତି। ବିଧାୟକ ଦାସ ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲର ଉନ୍ନତୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ସେ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରିବା ଉଦ୍ଦେଶ୍ୟରେ ଉଲ୍ଲେଖ କରିଛନ୍ତି ଯେ, ଏହି ଜଙ୍ଗଲ ପରିସୀମାରୁ ନିକଟସ୍ଥ ବ୍ରାହ୍ମଣବାଡ଼ି ପର୍ଯ୍ୟନ୍ତ ଏକ ପୋଲ ନିର୍ମାଣ କରାଯିବାର ଆବଶ୍ୟକତା ଦେଖାଦେଇଛି। ଏଥିସହ ଜଙ୍ଗଲ ପାର୍ଶ୍ୱ ନଦୀ କୂଳରେ ପାଚେରି ନିର୍ମାଣ ହେଉ। ଏହା ହୋଇପାରିଲେ ଜଙ୍ଗଲ ସାଙ୍ଗକୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ହୋଇପାରିବ। ଜବରଦଖଲକାରୀଙ୍କ କବଳରୁ ମୁକ୍ତ ସହ ପରିବେଶ ସୁରକ୍ଷିତ ରହିପାରିବ। ଅନୁରୂପ ଭାବେ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ନଦୀ କୂଳରେ ଜଙ୍ଗଲ କଟେଜ୍ ନିର୍ମାଣ ହେଲେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ। ଫରେଷ୍ଟ ଇନ୍‌ସ୍ପେକ୍ସନ ବଙ୍ଗଳା ନିର୍ମାଣ ହେବା ଉଚିତ। ସେହିପରି ଜଗତ୍‌ସିଂହପୁରସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମର ଉନ୍ନତୀକରଣ ଆବଶ୍ୟକ। ଏହି ପରିସର ପଡ଼ିଆର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ଭୂତଳ ଜଳ ସ୍ପ୍ରିଙ୍କଲର ବ୍ୟବସ୍ଥା, ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନେଜ୍, ବୃତ୍ତିଗତସ୍ତରର ତାଲିମ୍ ପାଇଁ ଏକ ମାନବ ଆଥଲେଟିକ୍ସ ଟ୍ରାକ୍ ନିର୍ମାଣ ଜରୁରୀ। ବିଭିନ୍ନ ପ୍ରତିଯୋଗିତା, ଭଲି ବଲ୍ କୋର୍ଟ ପ୍ରତିଷ୍ଠା, ଫିଟନେସ୍ ଏବଂ ଶାରୀରିକ ତାଲିମକୁ ଉତ୍ସାହିତ କରିବା ପାଇଁ ଷ୍ଟାଡିୟମ ପରିସରରେ ଇନଡୋର ଜିମ ନିର୍ମାଣ ହେବା ଆବଶ୍ୟକ। ରାତିରେ ଷ୍ଟାଡିୟମ ପରିସରକୁ ଆକର୍ଷଣୀୟ କରିବା ପାଇଁ ଏହି ପରିସରରେ ଉଚ୍ଚ ମାନର ଆଲୋକ ବ୍ୟବସ୍ଥା ହେବା ଉଚିତ। କ୍ରୀଡାବିତ୍ ଓ ଦର୍ଶକଙ୍କ ନିରାପଦ ତଥା ଅନୁକୂଳ ପରିବେଶ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଧାୟକ ଦାସ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

## ସଂକ୍ଷେପରେ

### ପାରଳା ସହର ହେବ ଶିଶୁ ଶ୍ରମିକମୁକ୍ତ

ପାରଳାଖେମୁଣ୍ଡି,୨୧।୧୦(ଗିରିଧାରୀ ପରିଛା): ଗଜପତି ଜିଲାପାଳ ବିଜୟ କୁମାର ଦାସଙ୍କ ନିର୍ଦ୍ଦେଶ ଅନୁଯାୟୀ ପାରଳାଖେମୁଣ୍ଡି ସହରକୁ ଶିଶୁ ଶ୍ରମିକ ଏବଂ ଶିଶୁ ଭିକ୍ଷୁକମୁକ୍ତ କରିବା ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ଚାଇଲ୍ଡ ହେଲ୍ପଲାଇନ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ସୋମବାର ୩ ଜଣ ଶିଶୁକନ୍ୟାଙ୍କୁ ଉଦ୍ଧାର କରିଛନ୍ତି। ୬,୯ ଓ ୧୦ ବର୍ଷୀୟା ଏହି ପିଲାମାନେ ପାରଳାଖେମୁଣ୍ଡି ବସ୍‌ଷ୍ଟାଣ୍ଡ ପାଖରେ ଜରି ଏବଂ ବୋତଲ ଗୋଟାଇବାର ଦୃଶ୍ୟ ଶିଶୁ ସୁରକ୍ଷା ବିଭାଗର ସ୍ୱତନ୍ତ୍ର ଟିମ ନଜରକୁ ଆସିଥିଲା । ସେମାନଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତି ଆଗରେ ଉପସ୍ଥାପନ କରିଥିଲେ। ପିଲାମାନଙ୍କର ମା' ଏବଂ ବାପା ଶିଶୁ ମଙ୍ଗଳ ଆଗରେ ପହଞ୍ଚିଥିଲେ।ଏହାପରେ ଶିଶୁ ମଙ୍ଗଳ ସମିତି ଶିଶୁଙ୍କ ଥଇଥାନ ନିମନ୍ତେ ପାରଳାଖେମୁଣ୍ଡି ଉତ୍କଳ ବାଳାଶ୍ରମକୁ ପଠାଇଛନ୍ତି। ଆଗାମୀ ଦିନରେ ପିଲାମାନଙ୍କୁ ପାଠ ପଢ଼ାଇ, ସମାଜର ମୁଖ୍ୟ ସ୍ରୋତରେ କିପରି ସାମିଲ କରାଯିବ ତାହା ଜିଲା ପ୍ରଶାସନର ଦାୟିତ୍ୱ ବୋଲି ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ହେଲା ସହରର ପ୍ରତି କୋଣ ଏବଂ ଅନୁକୋଣରେ ସ୍ୱତନ୍ତ୍ର ଟିମ୍ ବୁଲିବା ସହ, ଯେପରି କୌଣସି ଶିଶୁଙ୍କୁ ଭିକ୍ଷାବୃତ୍ତି କିମ୍ବା ଶ୍ରମିକ ଭାବେ କରାନଯିବ ସେଥିପ୍ରତି ବିଶେଷ ଧ୍ୟାନ ଦେଉଛି।

### ବାର୍ହା ଆକ୍ରମଣରେ ମହିଳା ଗୁରୁତର

ଛତ୍ରପୁର,୨୧।୧୦(ଦିଲ୍ଲୀପ ସାମଲ): ବାର୍ହା ଆକ୍ରମଣରେ ସୋମବାର ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ରମ୍ଭା ଥାନା ଅଧୀନ ନୀଳାଦ୍ରିପୁର ଗ୍ରାମର ଅହଲ୍ୟା ଛଟେଇ। ଅହଲ୍ୟା ସକାଳେ ନିଜ ବିଲକୁ ଯାଉଥିବା ବେଳେ ବାର୍ହା ଆକ୍ରମଣ କରିଥିଲା। ଗ୍ରାମବାସୀ ହୋହଲ୍ଲା କରିବାରୁ ବାର୍ହା ଛାଡି ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ଅହଲ୍ୟାଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ବନବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରିଛନ୍ତି। ଏବେ ବାର୍ହା ଉପଦ୍ରବ ବଢ଼ିଥିବାରୁ ବନ ବିଭାଗ ପକ୍ଷରୁ ଏମାନଙ୍କୁ ହଟାଇବା ବ୍ୟବସ୍ଥା ସହ ଆହତ ମହିଳାଙ୍କୁ କ୍ଷତିପୂରଣ ପାଇଁ ପାଳିବନ୍ଧ ପୂର୍ବତନ ସରପଞ୍ଚ ଦିଲ୍ଲୀପ ଛୋଟରାୟ ଦାବି କରିଛନ୍ତି।

### ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର,୨୧।୧୦(ଦିଲ୍ଲୀପ ସାମଲ): ଛତ୍ରପୁର ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ସୋମବାର ପ୍ରସନ୍ନ କୁମାର ଦାଶ ଦାୟିତ୍ୱ ଗ୍ରହଣ କରିଛନ୍ତି । କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଛତ୍ରପୁର ଏନଏସିରେ ଦାୟିତ୍ୱ ଗ୍ରହଣ କରିବା ପରେ ସେ ତାଙ୍କ ପ୍ରତିକ୍ରିୟାରେ ଏନଏସିର ପରିମଳ, ସ୍ୱଚ୍ଛତା ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଦିଗରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

### ବିସିଜି ଟିକା ନେଇ ୫୦ ଅସୁସ୍ଥ

ବାଲିଗୁଡା,୨୧।୧୦(ସଞ୍ଜୟ କୁମାର ପାଣିଗ୍ରାହୀ) ଯକ୍ଷ୍ମା ବିରୋଧରେ ଲଢ଼େଇ କରିବାକୁ ଦିଆଯାଉଥିବା ବିସିଜି ଟିକା ନେଇ କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅସୁସ୍ଥ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ଟିକା ନେବାର ୨/୩ ଦିନ ଯନ୍ତ୍ରଣା ପରେ ଏବେ ଟିକା ଦିଆଯାଇଥିବା ସ୍ଥାନ ସଂକ୍ରମଣ ହୋଇ ଯାଉଥିବାରୁ ଅଞ୍ଚଳରେ ଅଜଣା ଭୟ ସୃଷ୍ଟି ହୋଇଛି। ଟିକା ନେବାର ୨୦ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ହାତର ବ୍ୟଥା କମୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଟିକା ଦେବାବେଳେ କିଛି ଭୁଲ ରହୁଥିବା ସେମାନେ ଆଶଙ୍କା କରୁଛନ୍ତି।

ଯକ୍ଷ୍ମା ନିରାକରଣ ନିମନ୍ତେ ଗତ ୨୭ ତାରିଖରୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ବିସିଜି ଟିକା ଦିଆଯାଉଛି। ସୋମବାର ଓ ଗୁରୁବାର ଏହି ଟିକା ଦିଆଯାଉଛି। ଇତିମଧ୍ୟରେ ବାଲିଗୁଡ଼ା ଏନ୍‌ଏସି ଓ ବ୍ଲକ ଅଞ୍ଚଳର ୫୦୦ରୁ ଅଧିକ ମହିଳା ଓ ପୁରୁଷ ବିସିଜି ଟିକା ନେଇ ସାରିଲେଣି। ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ଜଣ ଅସୁସ୍ଥ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରାମକୃଷ୍ଣ ପାତ୍ର କହିଛନ୍ତି ଯେ, ବିସିଜି ଟିକା ନେବା ପରେ ପ୍ରାୟ ୭୦ପ୍ରତିଶତ ଲୋକଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଏଥିରେ କିଛି ଭୟଭୀତ ହେବାର ନାହିଁ ବୋଲି ସେ କହିଛନ୍ତି। ମେଡିକାଲ ପ୍ରଶାସନ ତରଫରୁ ଟିକାକୁ ନେଇ ସଚେତନ କରାଯିବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ନବରଙ୍ଗପୁରରୁ ଆସି ଗଜପତିରେ ଚୋରି, ୨ ଦମ୍ପତି ଗିରଫ

ପାରଳାଖେମୁଣ୍ଡି,୨୧।୧୦(ଗିରିଧାରୀ ପରିଛା)



■ଜିଲାସରା ବୁଲି ବନ୍ଦ ଘରକୁ ଟାର୍ଗେଟ କରୁଥିଲେ
■ସୁନା, ରୁପା ଓ ୧ଲକ୍ଷ ୬୦ ହଜାର ଟଙ୍କା ଜବତ

ଦୁଇ ଦମ୍ପତି ମିଶି ଗଜପତି ଜିଲାରୁ ବୁଲିବୁଲି ଚୋରି କରୁଥିଲେ। ଏବେ ସେମାନେ ଧରାପଡିଛନ୍ତି। ଏହି ୨ ଦମ୍ପତି ହେଲେ ପ୍ରତାପ ଜାନୀ, ସରସ୍ୱତୀ ଜାନୀ, ଦେବରାଜ ମଝି ଓ ଗୌରୀ ଜାନୀ। ଏମାନଙ୍କ ଘର ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅନ୍ତର୍ଗତ ବାବାଜିଗୁଡା ଗ୍ରାମରେ ବୋଲି ଜଣାପଡିଛି। ପାଟ୍ରୋଲିଂ ବେଳେ ଧରାପଡିଥିବା ଏହି ଦୁଇ ଦମ୍ପତିଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୫୮ ଗ୍ରାମ ସୁନା, ୭୨୯ ଗ୍ରାମ ରୁପା ୧ଲକ୍ଷ ୬୦ ହଜାର ଟଙ୍କା ,୨ଟି ବାଇକ, ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ଆବଶ୍ୟକ ହେଲେ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଗଜପତି ଏସ୍‌ପି ଜତୀନ୍ଦ୍ର କୁମାର ପଣ୍ଡା କହିଛନ୍ତି। ଅଧିକ ସୂଚନା ଦେଇ ଏସ୍‌ପି କହିଛନ୍ତି, ଏହି ଦୁଇ ଦମ୍ପତି ବାଇକ୍‌ରେ ଗାଁ ଗାଁ ବୁଲି କେହି ଲୋକ ନ ଥିବା ଘରକୁ ପ୍ରଥମେ ଟାର୍ଗେଟ କରୁଥିଲେ। ଘରଲୋକଙ୍କ ଅନୁପସ୍ଥିତ ଥିବା ବେଳେ ଘରେ ପଶି କଳାକନା ବୁଲାଉଥିଲେ। କାଶୀନଗର ଅଞ୍ଚଳରେ ଗତ ୧୫ରେ ବି.ରାମକୃଷ୍ଣ ପଟ୍ଟନାୟକଙ୍କ ଘରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ସେହିଭଳି ଗତ ୧୮ରେ ଗୁରାଣ୍ଡି ଥାନା ଅନ୍ତର୍ଗତ ଆର.ସୀତାପୁର ଗ୍ରାମରେ ସନ୍ତୋଷ ବିଶ୍ୱାଳଙ୍କ ଘରେ କେହି ନ ଥିବା ବେଳେ ଚୋରିହୋଇଥିବା ନେଇ ଅଭିଯୋଗକୁ ଭିତ୍ତି କରି ଗୁରାଣ୍ଡି ଥାନାରେ ମାମଲା ରୁଜୁ ହୋଇଥିଲା। ଦୁଇଟି ଯାକ ଘଟଣାରେ କେହି ନ ଥିବା ସମୟରେ ଚୋରି ହୋଇଥିବାରୁ ଉଭୟ ଥାନା ପୋଲିସ ପାଟ୍ରୋଲିଂକୁ ଜୋରଦାର କରିଥିଲା। ଏହି ସମୟରେ ଦୁଇ ଦମ୍ପତିଙ୍କୁ ଠାବ କରି ସନ୍ଦେହରେ ଅଟକାଇ ପୋଲିସ ପଚରାଉଚରା କରିଥିଲା। ଏହି ଦୁଇ ଦମ୍ପତି କେହି ନ ଥିବା ଘରୁ ଚୋରି କରିଥିବା ପଚରାଉଚରା ବେଳେ ସ୍ୱୀକାର କରିଥିଲେ। ନବରଙ୍ଗପୁର ଜିଲାରୁ ଆସି ଗଜପତି ଜିଲାରେ ଚୋରି କରୁଥିବା ହେତୁ ଜିଲାର ଅନ୍ୟ କୌଣସି ଥାନାରେ ଏମାନଙ୍କ ବିରୋଧରେ ମାମଲା ରହିଛି କି ନାହିଁ ସେନେଇ ପୋଲିସ ଖୋଳତାଡ କରୁଛି।

# ୬୫ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ



ଛତ୍ରପୁରରେ ପୋଲିସ ଶହୀଦ ସ୍ମୃତି ଦିବସ ଅବସରରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

ଛତ୍ରପୁର/ଭଞ୍ଜନଗର ୨୧।୧୦(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ/ବାବୁଲା ପ୍ରଧାନ )

ଛତ୍ରପୁର ପୋଲିସ ପୋଲିସ ପଡିଆଠାରେ ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ୬୫ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଯୋଗ ଦେଇ ଶହୀଦ ସ୍ମୃତି ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଚଳିତ ଶହୀଦ ଦିବସ ଅବସରରେ ଓଡିଶାର ୨ ଜଣ ଏବଂ ସମଗ୍ର ଦେଶରେ ୨୧୬ ଜଣ ପୋଲିସ କର୍ମଚାରୀ ଜୀବନ ଉତ୍ସର୍ଗ କରିଛନ୍ତି। ସେମାନଙ୍କ ନାମ ଆରକ୍ଷୀ ଅଧୀକ୍ଷକ ପାଠ କରି ସେମାନଙ୍କ ବୀରତ୍ୱକୁ ପ୍ରଶଂସା କରିଥିଲେ । ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା, ଡିଆଇବି ଡିଏସ୍‌ପି ରଞ୍ଜନ କୁମାର ଦେ, ଛତ୍ରପୁର ଏସ୍‌ଡିପିଓ ଗୌରହରି ସାହୁ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କାଳୁ ଚରଣ ବେହେରା,ଛତ୍ରପୁର ଥାନା ଅଧିକାରୀ ନିରୋଦ ଦାଶ, ଜିଲା ହାବିଲଦାର ଓ କନଷ୍ଟେବଳ ସଂଘ ସଭାପତି ଗୌରାଚାନ୍ଦ ତ୍ରିପାଠୀ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ । ସେହିପରି ଗଞ୍ଜାମ ଜିଲା ଭଞ୍ଜନଗର ନିକଟସ୍ଥ ତନରଡା ଆଇଆର୍‌ବି ଅଷ୍ଟମ ସତନ୍ତ୍ର ବାଟାଲିୟନ ପରିସରରେ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଛି। ଏଥିରେ ଭାରପ୍ରାପ୍ତ ଦୁର୍ଗପତି ବିଭୂତି ଭୂଷଣ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଡେପୁଟି କମାଣ୍ଡେଣ୍ଟ ଲଳିତ ବାଗ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ କ୍ୟାପଟେନ ମହେନ୍ଦ୍ର ସାଇଁ, ସବ୍‌ଏଲ୍‌ଟି ବିପ୍ର ଚରଣ ସାହୁ, ସୁବେଦର ତ୍ରିନାଥ ଗୌଡ଼, ଏସ୍‌ଏନ ସାହୁ, ହାବିଲଦାର ଏକେ ଗୌଡ, ବିଜୟ ବିଷୋୟୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରଞ୍ଜିତ ବାର୍ଲା, ମନୋରଞ୍ଜନ ତରାଇ, ସନ୍ତୋଷ ସାହୁ, ସଫାକତ ଖାନ, ଓଏସ୍‌ଏପିର ଅବସରପ୍ରାପ୍ତ ଅଧିକାରୀ ଅଶୋକ ପଣ୍ଡା, କୃଷ୍ଣଚନ୍ଦ୍ର ସେଠୀ, ଉମା ଶଙ୍କର ଶତପଥି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ।

# ଅଭିଯୋଗ ଶୁଣିଲେ ଗଜପତି ଜିଲାପାଳ, ଏସ୍‌ପି

ନୂଆଗଡ଼,୨୧।୧୦(ଯୋଗ୍ୟବନ୍ତ ପରିଛା):




ଶିବିରରେ ଉପସ୍ଥିତ ଅଧିକାରୀ।

ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଦୁର୍ଗମ ଅଞ୍ଚଳର ଅତରସିଂ ଗ୍ରାମ ପଞ୍ଚାୟତ ପରିସରରେ ଜିଲା ପ୍ରଶାସନ ଦ୍ୱାରା ଗ୍ରାମ୍ୟମୁଖି ପ୍ରଶାସନ ସଂଯୁକ୍ତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ବିଜୟ କୁମାର ଦାସ, ଜିଲା ଆରକ୍ଷୀ ଅଧିକ୍ଷକ ଯତିନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରକୁ ମୁଖ୍ୟତଃ ପୁଟୁରୁପଡ଼ା, ବେତାରସିଂ, ଟାଙ୍ଗିଲି, ଆତରସିଂ ସମେତ ଅନ୍ୟାନ୍ୟ ପଞ୍ଚାୟତରୁ ମୋଟ ୫୨ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରେ ୧୨ଟି ବ୍ୟକ୍ତିଗତ ଓ ୪୦ଟି ଗ୍ରାମଭିତ୍ତିକ ତଥା ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ଅଭିଯୋଗ ଆସିଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପ୍ରକଳ୍ପ ନିର୍ବାହୀ ଅଧିକାରୀ ଜିଲାପରିଷଦ ଡଃ ଗୁଣନିଧି ନାୟକ ଏବଂ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ ସମେତ ସ୍ଥାନୀୟ ବିଡିଓ ଲୋକନାଥ ଶବର, ତହସିଲଦାର ମୋନାଲିସା ଆଚାର୍ଜୀ, ସ୍ଥାନୀୟ ସରପଞ୍ଚ ଜିବନୀ ଗମାଙ୍ଗ ଏବଂ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିବା ସହ ସ୍ୱଚ୍ଛ ଭାରତକୁ ନେଇ ଜିଲାପାଳଙ୍କ ଦ୍ୱାରା ଶପଥ ପାଠ ଗ୍ରହଣ କରାଯାଇଥିଲା।

### ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

# ଗଜପତି ଜିଲାକୁ କାଂସ୍ୟ, ରୌପ୍ୟ ପଦକ



ପାରଳାଖେମୁଣ୍ଡି,୨୧।୧୦(ଗିରିଧାରୀ ପରିଛା)

ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଟାଏକୋଣ୍ଡୋ ପ୍ରତିଯୋଗିତା ପୁରୀ ଜିଲା ସ୍କୁଲ ପୁରୀଠାରେ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଇକୋଣ୍ଡୋ ପ୍ରତିଯୋଗିତାରେ ଜଗପତି ଜିଲାକୁ ସଫଳତା ମିଳିଛି। ଜିଲାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବର୍ଷିତା ଦାସ ୧୭ବର୍ଷରୁ କମ ବର୍ଗରେ ଭାଗନେଇ ରୌପ୍ୟ ପଦକ ହାସଲ କରିଥିବା ବେଳେ ୧୪ବର୍ଷରୁ କମ ବର୍ଗରେ ସାଇ ସ୍ୱରୂପ ପାଣିଗ୍ରାହୀ କାଂସ୍ୟ ପଦକ ଜିତିଛନ୍ତି। ସେହିପରି ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ଛାତ୍ର କେ. ସ୍ମରଣ ତେଜ ୧୪ ବର୍ଷରୁ କମ ବର୍ଗରେ ବାଳକ ବିଭାଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡିଶାର ବିଭିନ୍ନ ଜିଲାରୁ ୧୫୦ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଗଜପତି ଜିଲାରୁ ୭ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

### ଶହୀଦ୍ ନିରାକାର ବେହେରାଙ୍କୁ ମରଣୋତ୍ତର ସମ୍ବର୍ଦ୍ଧନା

ବେଲଗୁଣ୍ଠା,୨୧।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ବେଲଗୁଣ୍ଠା ବ୍ଲକ୍ ନେଟଙ୍ଗା ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ପୋଲିସ୍ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରେଳ ସୁରକ୍ଷା ବାହିନୀରେ କାର୍ଯ୍ୟରତ ଥାଇ ଶହୀଦ ହୋଇଥିବା ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସ୍ୱର୍ଗତ ନିରାକାର ବେହେରାଙ୍କୁ ପୂର୍ବତଟ ରେଲୱେ ପକ୍ଷରୁ ମରଣୋତ୍ତର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମା' ଶଶୀ ବେହେରା ଓ ବାପା ତ୍ରିନାଥ ବେହେରାଙ୍କ ପୁଅ ନିରାକାର ୧୯୮୬ରେ ରେଳ ସୁରକ୍ଷା ବାହିନୀରେ ଯୋଗ ଦେଇଥିଲେ। ରେଳ ବିଭାଗରେ କାର୍ଯ୍ୟରତ ଥାଇ ୨୦୨୩ରେ ସେ ମୃତ୍ୟୁବରଣ କରିଥିଲେ। ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟଅତିଥି ରୂପେ ପୂର୍ବତଟ ରେଳ ସୁରକ୍ଷା ବାହିନୀ ଡିଆଇଜି ଭବାନୀ ଶଙ୍କର ନାଥ, ସମ୍ମାନିତ ଅତିଥି ରୂପେ ଖୋର୍ଦ୍ଧା ରେଲୱେ ସୁରକ୍ଷା ବାହିନୀର ଏଏସ୍‌ସି ପ୍ରେମ୍‌ଦୀପ୍ ସଞ୍ଜୟ, ବ୍ରହ୍ମପୁର ରେଲୱେ ସୁରକ୍ଷା ବାହିନୀର ଆଇଆଇସି ସିଭି ରମଣ, ପୁରୀ ରେଲୱେ ସୁରକ୍ଷା ବାହିନୀର ଆଇଆଇସି ଅପ୍ରେଶ ବେହେରା, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ଲେଙ୍କା, ଶିକ୍ଷକ ସୁରେନ୍ଦ୍ର ବାଡତ୍ୟା ଏବଂ ଶହୀଦ୍ ନିରାକାରଙ୍କ ସ୍ତ୍ରୀ ଗୀତାଞ୍ଜଳି ବେହେରା ଉପସ୍ଥିତ ଥିଲେ। ମୁଖ୍ୟଅତିଥି ରଥ ଶହୀଦ୍ ନିରାକାରଙ୍କ କର୍ତ୍ତବ୍ୟ ନିଷ୍ଠା, ସେବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ଲେଙ୍କା ଶହୀଦ୍ ନିରାକାର ନେଟଙ୍ଗା ଗ୍ରାମ ପାଇଁ ଗୌରବ ଥିଲେ ବୋଲି କହିଥିଲେ। ଶହୀଦ୍ ନିରାକାର ନେଟେଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଛାତ୍ର ଥିବାରୁ ଏହି ବିଦ୍ୟାଳୟରେ ଶିକ୍ଷକତା କରି ନିଜକୁ ଗର୍ବିତ ମନେ କରୁଛି ବୋଲି ଶିକ୍ଷକ ସୁରେନ୍ଦ୍ର ବାଡତ୍ୟା କହିଥିଲେ। ଛାତ୍ରୀ ଶୁଭଲକ୍ଷ୍ମୀ ବେହେରା ଶହୀଦ୍‌ଙ୍କ ସ୍ମୃତିଚାରଣ କରିଥିଲେ।

### ୬୫ ଅଭିଯୋଗ ଶୁଣାଣି

କ.ନୂଆଗାଁ,୨୧।୧୦(କାଳୀ ପ୍ରସାଦ ତ୍ରିପାଠୀ): କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ସଭା ଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳ ରୀନା ପ୍ରଧାନ ୬୫ଟି ଅଭିଯୋଗ ଶୁଣି ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୪୬ଟି ବ୍ୟକ୍ତିଗତ ଓ ୧୯ଟି ଗୋଷ୍ଠୀଗତ ସମସ୍ୟା ସମ୍ବଳିତ ଅଭିଯୋଗ ଥିଲା। ଗାନ୍ଧିଗାଁ ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ୧୫ ମିନିଟ ଭିତରେ ତହସିଲଦାର ଆୟ ପ୍ରମାଣପତ୍ର ଓ ସାରଙ୍ଗଡ କଲୋନୀ ସାହିର ସୁଧୀର ନାୟକଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଏସ୍‌ପି ହରିଶ ବିସି, ଜିଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ନରେନ୍ଦ୍ର ନାୟକ, ବିଡିଓ ରମାକାନ୍ତ ମିଶ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ନୂତନ ଦୁର୍ଗପତିଙ୍କ ଦାୟିତ୍ୱ ଗ୍ରହଣ

ଭଞ୍ଜନଗର,୨୧।୧୦(ବାବୁଲା ପ୍ରଧାନ) ଭଞ୍ଜନଗର ନିକଟସ୍ଥ ତନରଡ଼ାରେ ଥିବା ଆଇ ଆର୍‌ବି ୮ମ ସ୍ୱତନ୍ତ୍ର ବାଟାଲିୟନର ନୂତନ ଦୁର୍ଗପତି ଭାବେ ସୁଧାକର ମିଶ୍ର ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କର୍ମଚାରୀ ଏବଂ ଅନ୍ୟ ଅଧିକାରୀମାନେ ପୁଷ୍ପ ଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ମିଶ୍ର ଭୁବନେଶ୍ୱରରୁ ବଦଳି ହୋଇ ଏଠାକୁ ଆସିଛନ୍ତି।

# ଆଦିବାସୀ ଯୁବକ କଳିଙ୍ଗ ପାଇଲେ ଓଏଏସ୍



ଆର.ଉଦୟଗିରି,୨୧।୧୦ (ମନୋଜ କୁମାର ପାଢୀ) ଗଜପତି ଜିଲା ପରି ଆଦିବାସୀ ଅଞ୍ଚଳରୁ ଜଣେ ଆଦିବାସୀ ଯୁବକ ପ୍ରକାଶ ପାଇଥିବା ଓପିଏସ୍‌ସି (ଓଏଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ହେଉଛନ୍ତି ଆର.ଉଦୟଗିରି ବ୍ଲକ ଛେଲାଗଡ଼ ପଞ୍ଚାୟତ ଗଡ଼ର ଗ୍ରାମର ଦୁଃଖୀ ପୂଜାରୀଙ୍କ ପୁଅ କଳିଙ୍ଗ ପୂଜାରୀ। କଳିଙ୍ଗଙ୍କ ବାପା ଜଣେ ଅବସରପ୍ରାପ୍ତ ସେକ୍ସନ ଅଫିସର ହୋଇଥିବା ବେଳେ ମା' ଜଣେ ଶିକ୍ଷୟିତ୍ରୀ। ରାୟଗଡ଼ା ଜିଲାରେ ଅଡିଟର ରୂପେ କାର୍ଯ୍ୟ କରୁଥିବା କଳିଙ୍ଗ ଓପିଏସ୍‌ସି ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିଲେ। ସଫଳତା ପାଇବା ପୂର୍ବରୁ କଳିଙ୍ଗ ପୂର୍ବରୁ ପରୀକ୍ଷା ଦେଇ ବିଫଳ ହୋଇଥିଲେ। ତେବେ ୨୦୨୨ ପରୀକ୍ଷାରେ ସେ ୫୪୮ ର୍‍ୟାଙ୍କରେ ରହି ସଫଳତା ପାଇଛନ୍ତି। ଏହି ଖବର ଜାଣିବା ପରେ କଳିଙ୍ଗଙ୍କୁ ନିଜ ଗ୍ରାମରେ ସ୍ୱାଗତ କରାଯାଇ ସଂକୀର୍ତ୍ତନ କରି ଗ୍ରାମ ପରିକ୍ରମା କରାଇ ଗ୍ରାମବାସୀ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଛେଲାଗଡ଼ ପଞ୍ଚାୟତରେ କଳିଙ୍ଗ ପ୍ରଥମ ଯୁବକ, ଯିଏ କି ଓପିଏସ୍‌ସି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନିଜ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି।

# ଗୃହିଣୀ ପ୍ରୀତିଲତା କୃତକାର୍ଯ୍ୟ



ଦିଗପହଣ୍ଡି/କବିସୂର୍ଯ୍ୟନଗର,୨୧।୧୦ (ଅଶେଷ ନାଥ ମିଶ୍ର/କୃପାସିନ୍ଧୁ ସ୍ୱାଇଁ)ଦିଗପହଣ୍ଡି ବ୍ଲକ କରପଡା ପଞ୍ଚାୟତ ଦେଖାଳି ଗ୍ରାମରେ ରହୁଥିବା ପ୍ରୀତିଲତା ପାଢୀ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଗୃହିଣୀ ପ୍ରୀତିଲତା ପରିବାରର ସମସ୍ତ କାର୍ଯ୍ୟ କରିବା ସହ ଓପିଏସସି ପରୀକ୍ଷା ପାଇଁ ଦୈନିକ ୧୦ ଘଣ୍ଟା ପରିଶ୍ରମ କରୁଥିଲେ। ବିଫଳତା ଆଗରେ ହାର ନ ମାନି ଲଗାତାର ଉଦ୍ୟମ ଏବଂ ଦୃଢ ଇଚ୍ଛାଶକ୍ତି ତାଙ୍କୁ ତୃତୀୟ ପ୍ରଚେଷ୍ଟାରେ ସଫଳତା ଦେଇଥିବା ସେ କହିଛନ୍ତି। ୨୫୦ ର୍‍ୟାଙ୍କରେ ରହିଥିବା ପ୍ରୀତିଲତା ତାଙ୍କର ଏହି ସଫଳତା ପଛରେ ସ୍ୱାମୀ ମୀନକେତନ ପାଢୀ ଓ କବିସୂର୍ଯ୍ୟନଗର ଗାୟତ୍ରୀ ଇନ୍‌ଷ୍ଟିଚ୍ୟୁଟର ଯଥେଷ୍ଟ ସହଯୋଗ ରହିଥିବା କହିଛନ୍ତି। ସ୍ୱାମୀ କବିସୂର୍ଯ୍ୟନଗର ନିକଟ ପୁରୁଷୋତ୍ତମପୁର ଆରଆଇ ଅଫିସରେ ଜୁନିୟର କ୍ଲର୍କ ଭାବେ କାର୍ଯ୍ୟରତ ଅଛନ୍ତି। କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସୀତାରାମ ପାଣିଗ୍ରାହୀଙ୍କ ସମେତ ବହୁ ସାମାଜିକ ଅନୁଷ୍ଠାନ ପ୍ରୀତିଲତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜି.ଉଦୟଗିରିର ଝିଅ ବସୁଧା ଉତ୍ତୀର୍ଣ୍ଣ

ଜି.ଉଦୟଗିରି,୨୧।୧୦(ଶିଶିର ପଟ୍ଟନାୟକ): ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ମାଳିକାପୋଡ଼ି ପଞ୍ଚାୟତ ବାଡେନାଜୁ ଗ୍ରାମର ବଳରାମ ପ୍ରଧାନ ଓ ସେବତୀ ପ୍ରଧାନଙ୍କ ଝିଅ ବସୁଧା ପ୍ରଧାନ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୬୪୧ ର୍‍ୟାଙ୍କ ସହ କୃତକାର୍ଯ୍ୟ ହୋଇଛନ୍ତି। ସୁଶ୍ରୀ ବସୁଧା ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦଶମ ପର୍ଯ୍ୟନ୍ତ ଶିକ୍ଷା ସାରିଥିଲେ। ଯୁକ୍ତ ୨ରେ ୭୫ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହେବା ସହ ଭୁବନେଶ୍ୱର ଓୟୁଏଟିରେ ଫରେଷ୍ଟ୍ରି ପାଠ ପଢ଼ି ପିଜିରେ ଗୋଲଡ଼ ମେଡାଲ ପାଇଥିଲେ। ଓଏଏସ



ପରୀକ୍ଷାରେ ସଫଳତା ପାଇଁ ସେ ନିଜ ମା' ବାପା, ବନ୍ଧୁ ପରିଜନ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେବା ସହ କୃତଜ୍ଞତା ଜଣାଇଛନ୍ତି।

### ଓଏଏସ୍ ପାଇଥିବା ପୂର୍ବତନ ଛାତ୍ରୀ ପଲ୍ଲବୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା




ଜି.ଉଦୟଗିରି,୨୧।୧୦(ଚିନ୍ମୟ କୁମାର ସେଠୀ) କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକର ଝିଅ ଏନ୍.ପଲ୍ଲବୀ ଓଏଏସ ପାଇବା ପରେ ସୋମବାର ନିଜେ ପାଠ ପଢ଼ିଥିବା ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରଠାରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷା କେନ୍ଦ୍ରର ସମ୍ପାଦକ ଅରୁଣ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଗୁରୁଜୀ ସ୍ମୃତି ରଞ୍ଜନ ବେହେରା ପଲ୍ଲବୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମସ୍ତ ଗୁରୁମା ଗୁରୁଜୀ ଓ ଛାତ୍ରୀଛାତ୍ରମାନଙ୍କୁ ପଲ୍ଲବୀ ନିଜେ ପାଠ ପଢିଥିବା ସମୟର କିଛି ଅନୁଭୂତି କହିଥିଲେ। କଠିନ ପରିଶ୍ରମ, ଏକାଗ୍ରତା ଓ ଶୃଙ୍ଖଳା ହିଁ ଲକ୍ଷ୍ୟ ହାସଲ କରିବା ସହ ଆଗକୁ ବଢ଼ିବାରେ ସହଯୋଗ କରିଥାଏ ବୋଲି ସେ ଉପସ୍ଥିତ ଛାତ୍ରୀଛାତ୍ର ମାନଙ୍କୁ କହି ଉତ୍ସାହିତ କରିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଞ୍ଜନଗର,୨୧।୧୦(ବାବୁଲା ପ୍ରଧାନ):

ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ମିଳିତ ଅଭିଯୋଗ ଶୁଣାଣିରେ ୧୯୫ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ସେଥିମଧ୍ୟରୁ ବ୍ୟକ୍ତିଗତ ୧୭୯ଟି ବ୍ୟକ୍ତିଗତ ଓ ୧୬ଟି ଗ୍ରାମୀଣ ଅଭିଯୋଗ ଥିଲା । ଜିଲାପାଳ ତ୍ୱରିତ ୮ଟି ଅଭିଯାଗର ଫଇସଲା କରିଥିଲେ। ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ଦଶ ହଜାର ଟଙ୍କା ଏବଂ ଅନ୍ୟ ଜଣଙ୍କୁ ପାଞ୍ଚ ହଜାର ଟଙ୍କା ପ୍ରଦାନ କରିଥିଲେ । ଅଭିଯୋଗଗୁଡିକ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀ, ଭଞ୍ଜନଗର ଅତିରିକ୍ତ ଉପଜିଲାପାଳ ବିଶ୍ୱରଞ୍ଜନ କର, ଭଞ୍ଜନଗର ଏସଡ଼ିପିଓ ସୁଜିତ କୁମାର ନାୟକ,ଦକ୍ଷିଣ ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ଉତ୍ତର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାଏକ, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୀତାଂଶୁ ଶେଖର ଶତପଥୀ , ଭଞ୍ଜନଗର ବିଡିଓ ମନ୍ମଥ କୁମାର ନାୟକ, ତହସିଲଦାର ଉମାଶଙ୍କର ବେହେରା , ସହାୟକ ଜିଲାପାଳ ରାମଚନ୍ଦ୍ର ମହାପାତ୍ର, ଭଞ୍ଜନଗର ଥାନା ଅଧିକାରୀ କୁମାର ମୁଦୁଲି, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ କୁମାର ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର ପ୍ରମୁଖ ଉପସ୍ଥିତ ରହିଥିଲେ ବୋଲି ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ସୂଚନା ଦେଇଛନ୍ତି।



ଜିଲାପାଳ ଜଣକୁ ସହାୟତା ପ୍ରଦାନ କରୁଛନ୍ତି।

